**ଝାରସୁଗୁଡାରେ କାଳବୈଶାଖୀ ବର୍ଷା**

ଝାରସୁଗୁଡ଼ା ଅଫିସ: ଝାରସୁଗୁଡ଼ା ଜିଲାରେ ଗତ ୩ ସପ୍ତାହ ହେଲାଣି ତାପମାତ୍ର ୪୦ରୁ ୪୨ଡିଗ୍ରୀ ଉପରେ ରହୁଥିଲା। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିଲା। ଏଭଳିସ୍ଥିତିରେ ଶୁକ୍ରବାର ରାତିରେ ହଠାତ୍ ଘଡଘଡି ସହ କାଳବୈଶାଖୀ ବର୍ଷା ହେବା ଫଳରେ ତାପମାତ୍ର କେତେକାଂଶରେ ହ୍ରାସ ପାଇଛି। ଫଳରେ ଜନଜୀବନ ଆଶ୍ୱସ୍ତି ଲାଭ କରିଛି।

## ସଂକ୍ଷେପରେ

### ରେଳ ମଣ୍ଡଳରେ ବିଦ୍ୟୁତ୍ ନିରାପତ୍ତା ଶୀର୍ଷକ ସେମିନାର

ସମ୍ବଲପୁର, ୮।୫(ବ୍ୟୁରୋ): ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ବିଦ୍ୟୁତ୍ ନିରାପତ୍ତା ଶୀର୍ଷକ ସେମିନାର ନଭସଞ୍ଚାର ଜରିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଯୋଗଦେଇ ବିଦ୍ୟୁତ୍ ନିରାପତ୍ତା ଉପକରଣର ବ୍ୟବହାରକୁ କିପରି ସୁନିଶ୍ଚିତ କରାଯିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ରେଳ ପ୍ରବନ୍ଧକ ଏଲ୍‌ଭିଏସ୍‌ଏସ୍ ପାତ୍ରୁଡୁ, ଭି. ଶ୍ରୀନିବାସନ, ରଜନୀକାନ୍ତ ସାମଲ, ସୋମନାଥ ସାହୁ, ପୀତବାସ ପଣ୍ଡା ଆଲୋଚନାରେ ଭାଗ ନେଇଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ଗତ ମେ' ୧ରୁ ୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଷ୍ଟେଶନ, ରେଳବାଇ କଲୋନୀ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

### ଯୁବ କଂଗ୍ରେସର ସଚେତନତା

ସମ୍ବଲପୁର,୮।୫(ବ୍ୟୁରୋ): ସମ୍ବଲପୁର ଜିଲା କଂଗ୍ରେସ ପକ୍ଷରୁ ଶନିବାର ଶଟ୍‌ଡାଉନ ସମୟରେ ଅସହାୟମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ବୁଲି କର୍ମକର୍ତ୍ତାମାନେ ରିକ୍ସାବାଲା, ରାସ୍ତାପାର୍ଶ୍ୱରେ ଆଶ୍ରୟ ନେଇଥିବା ଲୋକଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ଏହା ସହ କରୋନା ଉପରେ ସଚେତନତା କରିଥିଲେ। ଯୁବ କଂଗ୍ରେସ ସଭାପତି ମୋହନ ସା, ପ୍ରଦେଶ ଯୁବ କଂଗ୍ରେସ ସଭାପତି ଆଶୁତୋଷ ସ୍ୱାଇଁ, ପ୍ଲାବନ ବହିଦାର, ନରେଶ ସୋନି ପ୍ରମୁଖ ସାମିଲ ହୋଇଥିଲେ।

### କରୋନାରେ ସାମାଜିକ କର୍ମୀଙ୍କ ଦେହାନ୍ତ

ଝାରସୁଗୁଡ଼ା ଅଫିସ,୮।୫: ଝାରସୁଗୁଡ଼ା ବିଟିଏମ୍ କଲୋନୀର ସାମାଜିକ କର୍ମୀ ସୁବାସ ଧଳ (୫୧) କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବାବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ସେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସମ୍ପୃକ୍ତ ରହି ସଫଳତାର ସହ କାର୍ଯ୍ୟ ତୁଲାଉଥିଲେ। ସେ ଜଣେ ମିଷ୍ଟଭାଷି ଓ ମେଳାପି ବ୍ୟକ୍ତି ଥିଲେ। ତାଙ୍କ ଅକାଳ ବିୟୋଗ ଖବର ପାଇ ଝାରସୁଗୁଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଜେଡି ନେତା ରବି ସିଂହ, ରମେଶ ସିଂହ, ପ୍ରଶାନ୍ତ ମହାନ୍ତି, ଅଶୋକ ରାଉତ, ଅକ୍ଷୟ ମୁଦୁଲି, ରବୀନ୍ଦ୍ର ପାଢୀ, ବିଜୟ ଦାସ, ମୋହନ ଭୋଲ ଓ ଇନ୍ଦ୍ରସେନ୍ ଗୌଡ ପ୍ରମୁଖ ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ରହିଛନ୍ତି।

### କେନାଲରେ ଭାସିଯାଉଥିବା ହରିଣକୁ ବଞ୍ଚାଇଲେ ଯୁବଗୋଷ୍ଠୀ



ଅମରପାଲି,୮।୫(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନାଞ୍ଚଳ ଅଧିନ କ୍ଷୀରପୁର ଗ୍ରାମ ଦେଇ ଯାଇଥିବା କେନାଲରେ ଭାସି ଯାଉଥିବା ଏକ ହରିଣକୁ ଯୁବକମାନେ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ଶନିବାର ଅପରାହ୍ନରେ କ୍ଷୀରପୁର ନିକଟସ୍ଥ ଜଙ୍ଗଲରୁ ପାଣି ପାଇଁ ହରିହର ଜୋର କେନାଲକୁ ହରିଣଟି ଆସିଥିଲା। ଏହି ସମୟରେ ହଠାତ୍ କୁକୁରମାନେ ଗୋଡାଇବାରୁ ହରିଣ ଜୀବନବିକଳରେ କେନାଲକୁ ଡେଇଁ ପଡ଼ିଥିଲା। ଗ୍ରାମର ଯୁବକମାନେ ଏନେଇ ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଆସିବା ପୂର୍ବରୁ ସ୍ଥାନୀୟ ଯୁବକମାନେ କେନାଲରୁ ହରିଣକୁ ଧରିଥିଲେ।

### ଅବସରପ୍ରାପ୍ତ ପ୍ରଫେସରଙ୍କ ପରଲୋକ

ସମ୍ବଲପୁର,୮।୫(ବ୍ୟୁରୋ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜୀବ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର କିଶୋରୀ ମାଧବ ଗୁରୁଙ୍କ ପରଲୋକ ହୋଇଛି। ତାଙ୍କୁ ୮୧ ବର୍ଷ ହୋଇଥିଲା। ଏହାକୁ ନେଇ ବିଶ୍ୱବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ଜୀବ ବିଜ୍ଞାନ ବିଭାଗ ମୁଖ୍ୟ ଡ. ବନିତା ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଶୋକବ୍ୟକ୍ତ କରିଥିଲେ।

# ମହ୍ଲାର ସାହିରେ ମୌଳିକ ସୁବିଧା ଅପହଞ୍ଚ

ନାକଟିଦେଉଳ,୮।୫(ଡି.ଏନ.ଏ.)

ସ୍ୱାଧୀନତାର ଦୀର୍ଘ ସାତ ଦଶନ୍ଧି ପରେ ମଧ ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି। ପାନୀୟ ଜଳ ସୁବିଧା ନ ଥିବାରୁ ଲୋକେ ଚୁଆପାଣି ଉପରେ ଭରସା କରି ଚଳୁଛନ୍ତି। ସବୁଦିନିଆ ରାସ୍ତା ମଧ ନାହିଁ। ଆବାସ ଯୋଜନା ଲୋକଙ୍କ ପାଇଁ ସାତସପନ ହୋଇଛି। ଏପରି ଚିତ୍ର ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ ଶଙ୍ଖପୁର ଗ୍ରାମର ମହ୍ଲାର ସାହିରେ।

ସାହିରେ ୨୦ ପରିବାରର ଶହେରୁ ଅଧିକ ଲୋକ ବସବାସ କରିଆସୁଛନ୍ତି। ସାହିରେ ଥିବା ଏକମାତ୍ର ନଳକୂପ ବର୍ଷର ଅଧାଦିନ ଅଚଳ ରହୁଛି। ପୁଣି ସେଥିରୁ ବାହାରୁଥିବା ପାଣି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଫଳରେ ସାହି ଲୋକେ ୨ଶହ ମିଟର ଦୂରରେ ଥିବା ନାଳରେ ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରୁଛନ୍ତି। ଏ ନେଇ ଅଭିଯୋଗ କଲେ ମଧ କେହି ଶୁଣୁ ନ ଥିବା ନେଇ ସାହିବାସୀ ଅଭିଯୋଗ କରିଛନ୍ତି। ସାହିକୁ ପକ୍କା ସଡ଼କଟିଏ ହୋଇପାରି ନାହିଁ। ସାହିଠାରୁ ପ୍ରାୟ ୧କି.ମି. ଦୂର କୁଡ଼ାନାଳୀ-ତଣ୍ଡବିରା ରାସ୍ତା ନୂତନ ଭାବେ ନିର୍ମାଣ କରାଯାଉଛି। ହେଲେ ସେମାନଙ୍କ ସାହିକୁ ଅଣଦେଖା କରାଯାଉଛି ବୋଲି ସାହିର ଲୋକେ କହିଛନ୍ତି। ସାହିର ଅଧିକାଂଶ ପରିବାରଙ୍କର ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡିଏ ନାହିଁ। ମାଟି କାନ୍ଥରେ ତାଳ ଓ ଖଜୁରି ଗଛର ପତ୍ର ଛାଉଣି କରି ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ବର୍ଷା ଦିନେ ସେମାନଙ୍କ ଅବସ୍ଥା କହିଲେ ନ ସରେ। ସମସ୍ତଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ମାଳ ମାଳ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ ଏହାର ସୁଫଳ ଏମାନଙ୍କ ନିକଟରେ ପହଞ୍ଚିପାରି ନାହିଁ। ତୁରନ୍ତ ସେମାନଙ୍କୁ ବିଶୁଦ୍ଧ ପିଇବା ପାଣି ସହ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସାହି ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ କହନ୍ତି, ଗ୍ରାମରେ ପିଇବା ପାଣି ସମସ୍ୟା ସମାଧାନ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସେଠାରେ ଥିବା ନଳକୂପ ପାଣି ବ୍ୟବହାର ଯୋଗ୍ୟ ନୁହେଁ ତା'ହେଲେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ। ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।



ଚୁଆ ଖୋଳି ପିଇବାପାଣି ସଂଗ୍ରହ କରୁଛନ୍ତି ସାହିଲୋକେ।

- ଲାଗିରହିଛି ପାନୀୟଜଳ ସମସ୍ୟା
- ଆବାସ ଯୋଜନା ସାତସପନ

# ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ: ଯୁବକ ଗିରଫ

ରିଆମାଳ,୮।୫(ଡି.ଏନ.ଏ)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ବୁଢାପାଳ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଜନୈକା ନାବାଳିକା (୧୪)ଙ୍କୁ ଅସଦାଚରଣ ପ୍ରଦର୍ଶନ କରି ଜଣେ ଯୁବକ ଗିରଫ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ବୁଢାପାଳ ଗ୍ରାମର ନାବାଳିକା ଅନ୍ୟ ଦିନମାନଙ୍କ ଭଳି ଗତ ବୁଧବାର ରାତିରେ ପରିବାର ଲୋକଙ୍କ ସହ ଖିଆପିଆ ସାରି ଘର ବାରଣ୍ଡାରେ ଶୋଇଥିଲେ। ରାତି ପ୍ରାୟ ୧୧ ଟାରେ ଉକ୍ତ ଗ୍ରାମର ସରୋଜ କୁମାର ନାୟକ(୨୯) ନାବାଳିକାଙ୍କ ବାରଣ୍ଡାରେ ପଶି ଅସଦାଚରଣ କରିଥିଲେ। ନାବାଳିକା ଜଣକ ଚମକିପଡି ନିଦରୁ ଉଠି ଚିତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ନିଦରୁ ଉଠି କ'ଣ ହେଲା ବୋଲି ପଚାରିବା ଆଗରୁ ସରୋଜ ସେଠାରୁ ଦୌଡି ପଳାଇଥିଲା। ମାତ୍ର ତରବରରେ ସେଠାରୁ ଦୌଡି ପଳାଇବାରୁ ସରୋଜ ଚପଲକୁ ସେଠାରୁ ନେଇ ପାରି ନ ଥିଲା। ନାବାଳିକାଙ୍କ ପରିବାର ଲୋକେ ଗୁରୁବାର ସକାଳେ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ଏକ ବୈଠକରେ ଏଘଟଣାର ବିଚାର ପାଇଁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। ଫଳରେ ଶୁକ୍ରବାର ଗ୍ରାମରେ ଏକ ବୈଠକ ଡକାଯାଇ ସେଠାକୁ ଅଭିଯୁକ୍ତ ସରୋଜକୁ ମଧ ଡକାଯାଇଥିଲା। ମାତ୍ର ସରୋଜ ନିଜର ଦୋଷକୁ ଅସ୍ୱୀକାର କରିବାସହ ଜବତ ହୋଇଥିବା ଚପଲ ତା'ର ନୁହେଁ ବୋଲି ଉକ୍ତ ବୈଠକରେ ଉତ୍ତର ଦେଇଥିଲା। ଏଥିସହ ନାବାଳିକାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ମଧ ଦେଇଥିଲେ। ଫଳରେ ନାବାଳିକାଙ୍କ ପରିବାର ଲୋକେ ଶୁକ୍ରବାର ଏନେଇ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ସରୋଜ ବିରୋଧରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।



ସରୋଜ କୁମାର ନାୟକ।

# ରାଜନୀତି ଉର୍ଦ୍ଧ୍ୱରେ କୋଭିଡ୍ ମୁକାବିଲା: ବିଜେଡି



ବୈଠକରେ ବିଜେଡି ସଙ୍ଗଠନ ସମ୍ପାଦକଙ୍କ ସମେତ ଦଳୀୟ ନେତୃବୃନ୍ଦ।

ସମ୍ବଲପୁର,୮।୫(ବ୍ୟୁରୋ)

ରାଜ୍ୟ ବିଜେଡି ସଙ୍ଗଠନ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଶନିବାର ସମ୍ବଲପୁର ଜିଲା ଗସ୍ତରେ ଆସି କୋଭିଡ୍ ଉପରେ ସମୀକ୍ଷା କରିଥିଲେ। ସହର ଉପକଣ୍ଠ ଦି ୱେଲକମ ରିସୋର୍ଟରେ ଦଳୀୟ କର୍ମୀଙ୍କ ସହ ସେ ଆଲୋଚନା କରିଥିଲେ। ବର୍ତ୍ତମାନ ପଶ୍ଚିମ ଓଡ଼ିଶାରେ କୋଭିଡ୍ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇଛି। ଏହାକୁ ମୁକାବିଲା ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ପଡିବ। ନିଜ ପକ୍ଷରେ ଯାହା ସମ୍ଭବ କୋଭିଡ୍, ଅଣକୋଭିଡ୍ ଅସହାୟମାନଙ୍କୁ ସହାୟତା କରିବାକୁ ପରାମର୍ଶ ଦେଇଥିଲେ। ଦଳ ଓ ରାଜନୀତି ଉର୍ଦ୍ଧ୍ୱରେ ଏବେ କୋଭିଡ୍ ମୁକାବିଲା ବୋଲି ସେ ଦଳୀୟ କର୍ମୀଙ୍କ ଉଦ୍ଦେଶ୍ୟରେ କହିଥିଲେ। ପରେ ଜିଲାରେ କିଭଳି ଭାବେ କୋଭିଡ୍ ପରିଚାଳନା ହେଉଛି ସେ ନେଇ ସମୀକ୍ଷା କରିଥିଲେ। କୋଭିଡ୍ ମେଡିକାଲ, ଆଇସିୟୁ ବେଡ୍ ସଂଖ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ମେଡିକାଲରେ ଦେଖାଦେଉଥିବା ସମସ୍ୟା କିଭଳି ସମାଧାନ ହୋଇପାରିବ ସେ ନେଇ ପରାମର୍ଶ ଦେଇଥିଲେ। ଦଳୀୟ କର୍ମୀମାନେ ଜିଲାରେ ବେଡ୍‌ସଂଖ୍ୟା ଓ ଟେଷ୍ଟିଂ ବୃଦ୍ଧି କରିବାକୁ ଦାବି କରିଥିଲେ। ଏହାସହ କୋଭିଡ୍ ସଂକ୍ରମଣରେ ମୃତକଙ୍କ ଅନ୍ତିମ ସଂସ୍କାରରେ ହେଉଥିବା ସମସ୍ୟା, ଟିକା ଅଭାବ ଯୋଗୁ ଲୋକମାନେ ଫେରିଯାଉଥିବା କହିଥିଲେ। ସମସ୍ତ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଦାସ କହିଥିଲେ। ବୈଠକରେ ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ରାଜ୍ୟ ବିଜେଡି ସହ ସମ୍ପାଦକ ସଞ୍ଜିତ ମହାନ୍ତି, ଜିଲା ଛାତ୍ର ବିଜେଡି ସଭାପତି ଡ. ସିଦ୍ଧାନ୍ତ ମହାନ୍ତି, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀଧର ମହାପାତ୍ର, ମୋତିଲାଲ ତନ୍ତିଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼: ଦିନକରେ ୧,୯୨୨ କରୋନା ପଜିଟିଭ

ସୁନ୍ଦରଗଡ଼,୮।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ଗତ ୨୪ ଘଣ୍ଟାରେ ୧,୯୨୨ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ କେବଳ ରାଉରକେଲାରେ ୮୦ ପ୍ରତିଶତ ସଂକ୍ରମିତ ଅଛନ୍ତି। କରୋନା ସଂକ୍ରମଣ ଚେନକୁ ଭାଙ୍ଗିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ସ୍ୱରୂପ ରାଉରକେଲା ବିଭିନ୍ନ ଅଞ୍ଚଳ ସମେତ ଛତିଶଗଡ଼ ଓ ଝାଡ଼ଖଣ୍ଡ ସୀମାରେ ଥିବା ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଜିଲାରେ ଗତ ୨୪ ଘଣ୍ଟାରେ ରାଉରକେଲାରେ ୧,୧୨୧, ସୁନ୍ଦରଗଡ ପୌରାଞ୍ଚଳର ୧୪୬, ସୁନ୍ଦରଗଡ ସଦର ବ୍ଲକରେ ୨୦, ରାଜଗାଙ୍ଗପୁରରେ ୮୨, ବିଶ୍ରାରେ ୯୭, ଲଠିକଟାରେ ୩୨, କୁଆଁରମୁଣ୍ଡାରେରେ ୬୯, ଟାଙ୍ଗରପାଲିରେ ୨୫, ଲେଫ୍ରିପଡାରେ ୫୧, ହେମଗିରରେ ୧୯, ସବ୍‌ଡେଗାରେ ୬୫, ଲହୁଣୀପଡାରେ ୫୭, ନୂଆଗାଁ ବ୍ଲକରେ ୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୀରମିତ୍ରପୁର ପୌରାଞ୍ଚଳରେ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବଡଗାଁରେ ୨୪, ଗୁରୁଣ୍ଡିଆରେ ୩୫, କୋଇଡ଼ାରେ ୨୪, ବଣାଇରେ ୪ ଓ ବାଲିଶଙ୍କରାରେ ୧୮ ଚିହ୍ନଟ ହୋଇଛନ୍ତି।

# ଓପିଜିସି କଲୋନୀ ରାସ୍ତା ସିଲ୍



କଲୋନୀର ବସ୍‌ଷ୍ଟାଣ୍ଡ ନିକଟ ରାସ୍ତାକୁ ବାଉଁଶ ବାନ୍ଧି ସିଲ୍ କରାଯାଇଛି।

ଝାରସୁଗୁଡ଼ା ଅଫିସ,୮।୫

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ କଲୋନୀରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏଥିରେ କର୍ମଚାରୀ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ନଜିର ରହିଛି। ଏଭଳିସ୍ଥିତିରେ ପ୍ରଶାସନ ତରଫରୁ ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବିଡିଓ ସଞ୍ଜୀବ ପଟେଲ, ଏଏସ୍‌ଆଇ ସନ୍ତୋଷ ବେହେରା ପ୍ରମୁଖ ଶନିବାର ଇବ୍‌ଥର୍ମାଲରେ ପହଞ୍ଚି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ସଂକ୍ରମଣ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଲୋଚନାରେ କମ୍ପାନୀ ଅଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ, ଏନ୍.ଏନ୍. ଷଡଙ୍ଗୀ, ସୁଧିର ବେହେରା, ମୁକେଶ ନାୟକ ପ୍ରମୁଖ ଉପସ୍ଥତି ଥିଲେ। କଲୋନୀର ବିଭିନ୍ନ ରାସ୍ତାକୁ ବାଉଁଶ ବାଡଦେଇ ସିଲ୍ କରାଯାଇଛି। ବାହାର ଲୋକଙ୍କୁ କଲୋନୀକୁ ଯିବା ପାଇଁ ବାରଣ କରାଯାଇଛି। କଲୋନୀ ପରିସରରେ କମ୍ପାନୀର ନିଜସ୍ୱ ହସ୍ପିଟାଲ୍ ଥିବାରୁ ବାହାର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ଯାଇପାରିବେ ବୋଲି ନିଷ୍ପତ୍ତି ହୋଇଛି। କଲୋନୀରୁ ଅଧିକାରୀମାନେ ପ୍ରକଳ୍ପକୁ ଏକ ସ୍ୱତନ୍ତ୍ର ରାସ୍ତାରେ ଯିବାପାଇଁ ବ୍ୟବସ୍ଥା ହୋଇଛି। ସିଲ୍ ହୋଇଥିବା ପ୍ରତ୍ୟେକ ସ୍ଥାନରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇ ସୁରକ୍ଷାକୁ କଡାକଡି କରାଯାଇଛି।

# ୨ଟ୍ରକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

ଦେବଗଡ଼,୮।୫(ଡି.ଏନ.ଏ)

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ମଣ୍ଡାଶିଳା (କ) ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ୨ଟି ମାଲବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଉଭୟ ଟ୍ରକର ଚାଳକ ଓ ଖଲାସୀଙ୍କ ସମେତ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଖବର ମୁତାବକ ମଣ୍ଡାଶିଳା (କ) ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ବାରକୋଟ ପଟୁ ପାଲଲହଡା ଅଭିମୁଖେ ଯାଉଥିବା ଏକ ମାଲ ବୋଝେଇ ଟ୍ରକ ନଂ. ଓଡି ୨୯ଏଚ୍ ୬୨୨୪ ସହ ବିପରିତ ଦିଗରୁ ଆସୁଥିବା ଅନ୍ୟ ଏକ ମାଲ ବୋଝେଇ ଟ୍ରକ ନଂ. ଓଡି୦୨-ଏ-୭୫୧୦ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଟ୍ରକର ଚାଳକ ଦ୍ୱୟ ଏବଂ ଜଣେ ଖଲାସୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ ୧୦୮ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଜିଲାର ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନେ ଏବେ ମଧ ସେଠାରେ ଚିକିତ୍ସାଧିନ ଥିବା ଜଣାପଡିଛି। ସୂଚନାପାଇ ବାରକୋଟ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଦ୍ୱୟକୁ ଜବତ କରିବା ସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# କୋଭିଡ୍ କଟକଣା: ଜୀବନଜୀବିକା ପ୍ରଭାବିତ

ସମ୍ବଲପୁର,୮।୫(ବ୍ୟୁରୋ)

ରାଜ୍ୟ ସରକାରଙ୍କ ନୂତନ କଟକଣାରେ ସମ୍ବଲପୁର ଜିଲାରେ ଶଟ୍‌ଡାଉନ ଓ ନାଇଟ୍ କର୍ଫ୍ୟୁ ଜାରି ହୋଇଥିଲା। ସମ୍ବଲପୁର ମହାନଗର ନିଗମ ସମେତ ରେଢାଖୋଲ ଏନ୍‌ଏସି, କୁଚିଣ୍ଡା ଏନ୍‌ଏସି ଶଟ୍‌ଡାଉନ ରହିଥିଲା। ଗ୍ରାମାଞ୍ଚଳରେ ମଧ ଅନେକ ସ୍ଥାନରେ ଦୋକାନବଜାର ବନ୍ଦ ରହିଥିଲା। ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯାଇଥିଲା। ୧୮ ସ୍ଥାନରେ ମୋଟ ୬ ପ୍ଲାଟୁନ ପୋଲିସ ମୁତୟନ ହୋଇଥିଲେ। ଧନୁପାଲି, ଜିଲାସ୍କୁଲ ଛକ, ଅଇଁଠାପାଲି ଛକ, ସିନ୍ଦୂରପଙ୍କ ଛକ, ଲକ୍ଷ୍ମୀଟକିଜ୍ ଛକ, ଦୁର୍ଗାପାଲି ପ୍ରମୁଖ ସ୍ଥାନରେ ଯାଞ୍ଚ କରାଯାଉଥିଲା। ଜରୁରୀ ସେବା କିମ୍ବା କୋହଳ ପରିଧି ଭିତରେ ଆସୁଥିବା ବ୍ୟକ୍ତିଙ୍କୁ ଛାଡି ଦିଆଯାଉଥିଲା। ହେଲେ ସେମାନଙ୍କ ପରିଚୟ ପତ୍ର କିମ୍ବା ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଉଥିଲା। କେତେକ ସ୍ଥାନରେ ଅମାନିଆ ପୋଲିସ ହାବୁଡରେ ପଡୁଥିଲେ। ସେମାନଙ୍କଠାରୁ ପୋଲିସ ଜରିମାନା ଅଦାୟ କରିବା ସହ ତାଗିଦ କରି ଛାଡିଦେଉଥିଲା। ଶଟ୍‌ଡାଉନ ଯୋଗୁ ଜୀବନଜୀବିକା ପ୍ରଭାବିତ ହୋଇଥିଲା। ବିଶେଷ କରି ଖଟିଖିଆ, ଦିନ ମଜୁରିଆ, ରିକ୍ସାବାଲା, ପରିବା ବିକି ଗୁଜରାଣ ମେଣ୍ଟାଉଥିବା ଲୋକେ ପ୍ରଭାବିତ ହୋଇଥିଲେ। ଦୋକାନ ବଜାର ବନ୍ଦ ଯୋଗୁ ରାସ୍ତାଘାଟ ଶୂନଶାନ ରହିଥିଲା। ପୋଲିସ ଅଧିକାରୀମାନେ ବିଭିନ୍ନ ସ୍ଥାନ ବୁଲି ସମୀକ୍ଷା କରିଥିଲେ।



ଶଟ୍‌ଡାଉନ ଯୋଗୁ ଗୋଲବଜାର-ବୈଦ୍ୟନାଥ ଛକ ରାସ୍ତା ଶୂନଶାନ ରହିଛି।

## ଫଟୋରେ ଖବର



ସମ୍ବଲପୁର ଅଇଁଠାପାଲି ନିକଟ ଜନସ୍ୱାସ୍ଥ୍ୟ ବିଭାଗ ଅଫିସ ସମ୍ମୁଖରେ ଦୀର୍ଘଦିନ ହେବ ଗଛ କଟାହୋଇ ପଡିରହିଛି।



ଶନିବାର ରାତ୍ରିରେ ଅଦିନିଆ ବର୍ଷା ହେବାରୁ ବିର୍ସା ଛକଠାରେ ପାଣି ଜମି ରହିଛି।

## ବାଉଁଶୁଣୀ: ବଢୁଛି ମଦ କାରବାର

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ବ୍ଲକ ବାଉଁଶୁଣୀ ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦ କାରବାର ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଲକ୍‌ଡାଉନ ବେଳେ ରାଜ୍ୟ ସରକାର ସମସ୍ତ ମଦ ଦୋକାନକୁ ବନ୍ଦ କରିଛନ୍ତି। ଏହାର ସୁଯୋଗ ନେଇ ବାଉଁଶୁଣୀ ଅଞ୍ଚଳର କିଛି ଦୋକାନୀ ବାହାର ଜିଲାରୁ ମଦ ଆଣି ବିକ୍ରି କରୁଛନ୍ତି। ବାଉଁଶୁଣୀ ଅଞ୍ଚଳରେ ପ୍ରଚୁର ବେଆଇନ ମଦ କାରବାର ବୃଦ୍ଧି ପାଉଥିବା ବେଳେ ସେଭଳି ଚଢାଉ ହେଉନାହିଁ। ଏହା ଉପରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ସଂକ୍ଷେପରେ

### ଦେବଗଡ଼ରେ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ ପାଇଁ 'ଲିଗାଲ ରାଇଟସ୍ କାଉନଶିଲ'ର ଦାବି

ଦେବଗଡ଼,୮।୫(ଡି.ଏନ.ଏ): ସାମ୍ପ୍ରତିକ କରୋନା କାଳରେ ଦେବଗଡ଼ ଜିଲାବାସୀଙ୍କ ଆବଶ୍ୟକତା ଦୃଷ୍ଟିରୁ ଜିଲାରେ ଏକ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ ପାଇଁ 'ଲିଗାଲ ରାଇଟସ୍ କାଉନଶିଲ୍ ଓଡିଶା'ର ରାଜ୍ୟ ସଭାନେତ୍ରୀ ଅରୁନ୍ଧତୀ କୁମାରୀ ଦେବୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି ଜଣାଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା ପରେ ଦେବଗଡ଼ ଜିଲାରେ ଏକ ଅକ୍ସିଜେନ ପ୍ଲାଣ୍ଟର ଜରୁରୀ ଆବଶ୍ୟକତା ରହିଥିବା ଜାଣିବା ପରେ ସେ ଏନେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ଜିଲାରେ ଏକ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ ପାଇଁ ପତ୍ର ମାଧ୍ୟମରେ ନିବେଦନ କରିଥିବା ଜଣାପଡିଛି।

### ସାମାଜିକ କର୍ମୀଙ୍କ ପରଲୋକ

ସୁନ୍ଦରଗଡ,୮।୫(ଡିଏନ ଏ): ସାମାଜିକ କର୍ମୀ ତଥା ସଙ୍ଗଠକ ରାଜେନ୍ଦ୍ର ବେହେରାଙ୍କ ଗୁରୁବାର ସ୍ଥାନୀୟ ଏନଟିପିସି କୋଭିଡ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ସେ



କରୋନା ସଂକ୍ରମିତ ଜଣାପଡିବା ପରେ ୨ତାରିଖରୁ ଗୃହ ସଙ୍ଗରୋଧରେ ଥିଲେ। ମାତ୍ର ଅବସ୍ଥା ଗୁରୁତର ହେବା ପରେ ୪ତାରିଖରେ ତାଙ୍କୁ ଏନଟିପିସି କୋଭିଡ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ସୁନ୍ଦରଗଡ ଜିଲାର ଆଦିବାସୀମାନଙ୍କ ଅର୍ଥନୈତିକ ବିକାଶ, ଯୁବତୀ ଚାଲାଣ ଓ ଘରୋଇ ହିଂସା ରୋକିବା ଦିଗରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ପ୍ରଗତି ଅନୁଷ୍ଠାନର ସଭାପତି ଥିଲେ। କୋଭିଡ ନିୟମ ଅନୁସାରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ମୁଖାଗ୍ନି ଦେଇଥିଲେ। ଏହି ସମୟରେ ତାଙ୍କ ଧର୍ମପତ୍ନୀ ଶୁଭଶ୍ରୀ ରାୟ,ସାମାଜିକ କର୍ମୀ ସୁରୁ ମିଶ୍ର, ସାମିମା ବେଗମ, ନାରାୟଣ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

### ସିଟି ସ୍କାନ୍ ମେଶିନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ବରଗଡ଼ ଅଫିସ୍,୮।୫: ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ସିଟି ସ୍କାନ ମେଶିନ ନ ଥିବାରୁ କୋଭିଡ ଆକ୍ରାନ୍ତ ଚିହ୍ନଟ କାଠିକର ପାଠ ହୋଇ ପଡ଼ିଛି। ଆଣ୍ଟିଜେନ ଏବଂ ଆରଟିପିସିଆର ଟେଷ୍ଟରେ ନେଗେଟିଭ ରିପୋର୍ଟ ଆସିବା ପରେ ମଧ୍ୟ କେତେକଙ୍କ କ୍ଷେତ୍ରରେ ସେମାନଙ୍କ ଫୁସଫୁସ୍ ଅଧିକ ମାତ୍ରାରେ ଆକ୍ରାନ୍ତ ହେଉଥିବା ଏବଂ ଶେଷରେ ଜୀବନ ଚାଲି ଯାଉଛି । ଏଭଳି କ୍ଷେତ୍ରରେ ସିଟି ସ୍କାନ ଜରୁରୀ ହୋଇ ପଡ଼ିଛି। ତେଣୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଏକ ସିଟି ସ୍କାନ ମେଶିନ ଯୋଗାଇ ଦେବାକୁ ବରଗଡ଼ ଦେବେଶ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଅନୁରୋଧ କରିଛନ୍ତି। ଅନ୍ୟପଟେ ବିଧାୟକ ଆଚାର୍ଯ୍ୟଙ୍କ ଅନୁରୋଧ ପରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ତଥା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଆକ୍ରାନ୍ତଙ୍କ ସିଟି ସ୍କାନ ପାଇଁ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ ସୁବିଧା କରାଯାଇଛି ବୋଲି ସୂଚନା ମିଳିଛି । ସେଠାରେ ସିଟି ସ୍କାନ ପାଇଁ ଆକ୍ରାନ୍ତଙ୍କୁ ସରକାରଙ୍କ ଧାର୍ଯ୍ୟ ଦର ୧୨୫୧ଟଙ୍କା ୯୯ ପଇସା ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି ।

### ଭୁଜାଲି ମାଡ଼ରେ ଛେଳି ମାଲିକଙ୍କ ମୃତ୍ୟୁ

ସୋନପୁର,୮।୫(ନି.ପ୍ର.): ଭୁଜାଲି ମାଡରେ ଶନିବାର ସୋନପୁର ଥାନା ସାଗରପାଲି ଗ୍ରାମର ଛେଳି ମାଲିକ କମଳାକାନ୍ତ ଗୁରୁ(୫୫)ଙ୍କ ମୃତ୍ୟୁ ହୋଇଛି। କମଳାକାନ୍ତ ବୁର୍ଲା ଡାକ୍ତରଖାନାରେ ଗତ ବୁଧବାର ସକାଳୁ ଚିକିତ୍ସିତ ହେଉଥିଲେ। ଗତ ବୁଧବାର ରାତି ୨ଟାରେ ସୋନପୁର ଥାନା ଡୁଙ୍ଗୁରିପାଲି ଗ୍ରାମର ସୁରଟ କୁମ୍ଭାର(୪୦) ଛେଳି ଚୋରି କରିବା ପାଇଁ କମଳାକାନ୍ତଙ୍କ ଘରକୁ ଯାଇଥିଲେ। ଛେଳି ଚୋରି ସମୟରେ ସୁରଟଙ୍କୁ ଧରି ପକାଇଥିଲେ କମଳାକାନ୍ତ। ଏଥିରେ ଉତ୍ତ୍ୟକ୍ତ ହୋଇ ସୁରଟ କମଳାକାନ୍ତଙ୍କ ପେଟରେ ଭୁଜାଲି ମାଡ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ୧୨ ଏପ୍ରିଲରୁ ୭ ମେ: ୪୭,୪୪,୬୯୦ ଟଙ୍କା ଜରିମାନା ଆଦାୟ

- କୋଭିଡ୍ ନିୟମ ଉଲ୍ଲଂଘନ କଲେ ଗଣିବାକୁ ହେବ ଜରିମାନା
- ସୁନ୍ଦରଗଡ଼ ଜିଲାରେ ସକ୍ରିୟ ଅଛନ୍ତି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍

ସୁନ୍ଦରଗଡ଼, ୮।୫(ଡି.ଏନ୍.ଏ.)

କୋଭିଡ୍ ନିୟମ ନ ମାନିଲେ ଗଣିବାକୁ ହେବ ଜରିମାନା। ସୁନ୍ଦରଗଡ଼ ଜିଲା ପ୍ରଶାସନ କଡ଼ାକଡ଼ି ଭାବେ ଚେକିଂ ଚଳାଇଛି। କୋଭିଡ ନିୟମ ଉଲ୍ଲଂଘନ ଅଭିଯୋଗରେ ଏପ୍ରିଲ ୧୨ରୁ ମେ' ୭ ତାରିଖ ଭିତରେ ବିଭିନ୍ନ ବ୍ୟକ୍ତି, ଦୋକାନ ଓ ସଂସ୍ଥାଠାରୁ ୪୭ ଲକ୍ଷ ୪୪ ହଜାର ୬୯୦ ଟଙ୍କାର ଜରିମାନା ଆଦାୟ କରାଯାଇଛି। ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଗଠନ କରାଯାଇଥିବା ବିଭିନ୍ନ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଜିଲାରେ ସକ୍ରିୟ ଅଛନ୍ତି। ସେମାନେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମାସ୍କ ନ ପିନ୍ଧିବା, ସାମାଜିକ ଦୂରତା ଭାଙ୍ଗିବା ଆଦି କାରଣ ପାଇଁ ଜରିମାନା ଆଦାୟ କରୁଛନ୍ତି। ଲକ୍‌ଡାଉନ ସମୟରେ ଏହି ନିୟମକୁ କଡ଼ାକଡ଼ି କରି ଜିଲାରେ କୋଭିଡ ସଂକ୍ରମଣ ଚେନ ଭାଙ୍ଗିବା ପାଇଁ ପ୍ରଶାସନ ଉଦ୍ୟମ ଜାରି ରଖିଛି। କୋଭିଡ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି, ଦୋକାନୀ, ବ୍ୟବସାୟ ପ୍ରତିଷ୍ଠାନ ଏବଂ ବିଭିନ୍ନ ଘରୋଇ ଅନୁଷ୍ଠାନଠାରୁ



ସୁନ୍ଦରଗଡ଼ରେ ପୋଲିସ ସଜାଗ ରହିଛି।

ଜରିମାନା ଆଦାୟ କରାଯାଉଛି । ମେ' ୭ ତାରିଖ ସୁଦ୍ଧା କୋଭିଡ ନିୟମ ଭାଙ୍ଗିବା ଅଭିଯୋଗରେ ୯,୫୬୫ ବ୍ୟକ୍ତି, ୧,୦୨୬ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ୧୦ଟି ଘରୋଇ ସଂସ୍ଥାକୁ ଜରିମାନା କରାଯାଇଛି। ସେହିପରି ୧୪୨ଟି ଦୋକାନ ସିଲ କରାଯାଇଥିବା ଜିଲା ପ୍ରଶାସନଠାରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି। ଏହି ସମୟ ମଧ୍ୟରେ ସୁନ୍ଦରଗଡ଼ ପୋଲିସ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଜିଲାର ବିଭିନ୍ନ ସ୍ଥାନରୁ ୫ ଲକ୍ଷ ୩୪ ହଜାରରୁ ଅଧିକ ଏବଂ ରାଉରକେଲା ପୋଲିସ ୨୦ ଲକ୍ଷରୁ ଅଧିକ ଟଙ୍କା ଜରିମାନା ଆଦାୟ କରିଛି। ରାଉରକେଲା ମହାନଗର ନିଗମର ସ୍କ୍ୱାଡ୍ ଏ ବାବଦରେ ବିଭିନ୍ନ ସ୍ଥାନରେ ଚଢାଉ କରି ପ୍ରାୟ ୧ ଲକ୍ଷ ଟଙ୍କାର ଜରିମାନା ଆଦାୟ କରିଛି। ଜିଲାର ବିଭିନ୍ନ ସବଡିଭିଜନ ସ୍ତରରେ କୋଭିଡ ନିୟମ ତଦାରଖ ଲାଗି ମଧ୍ୟ ସ୍କ୍ୱାଡ୍ ରହିଛି। ସୁନ୍ଦରଗଡ଼ ସଦର ସବଡିଭିଜନରେ ୧୨ ଲକ୍ଷ ଟଙ୍କାରୁ ଅଧିକ ଫାଇନ ଆଦାୟ କରାଯାଇଛି। ସେହିପରି ପାନପୋଷ ସବଡ଼ିଭିଜନରେ ୪ଲକ୍ଷ ୨୪ ହଜାରରୁ ଅଧିକ ଏବଂ ବଣାଇଁ ସବଡିଭିଜନରେ ୪ ଲକ୍ଷ ୭୫ ହଜାରରୁ ଅଧିକ ଟଙ୍କା ଆଦାୟ ହୋଇଛି। ଜିଲା ପ୍ରଶାସନ ବ୍ରେକ ଦ ଚେନ ଅଭିଯାନ ଚଳାଇ କରୋନା ଶିକୁଳି କାଟିବାକୁ ପ୍ରୟାସ କରୁଛି। ତେଣୁ ଜନସାଧାରଣ କୋଭିଡ ନିୟମ ମାନି ଲକଡାଉନ ସମୟରେ ଘରେ ରହିବାକୁ ପ୍ରଶାସନ ଅନୁରୋଧ କରିଛି। ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ବେଳେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରଖିବା ଏବଂ କୌଣସି ସ୍ଥାନରେ ଭିଡ଼ ନ କରିବାକୁ ପରାମର୍ଶ ଦିଆଯାଇଛି।

# ଅଚଳ ଅବସ୍ଥାରେ ପଡ଼ିରହିଛି ବିଶୋଧନ ଯନ୍ତ୍ର



ଅଚଳ ହୋଇ ପଡିରହିଥିବା ବିଶୋଧନ ଯନ୍ତ୍ର।

କୁତ୍ରା, ୮।୫(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ରାଜଗାଙ୍ଗପୁର ବିଧାୟକଙ୍କ ଦ୍ୱାରା ଲଗାଯାଇଥିବା ବିଶୋଧନ ଯନ୍ତ୍ରଗୁଡ଼ିକ ବହୁଦିନ ହେଲା ଅଚଳ ଅବସ୍ଥାରେ ପଡିରହିଛି। ଗତ ବର୍ଷ ସମଗ୍ର ବିଶ୍ୱରେ କରୋନା ମହାମାରୀର ପ୍ରଥମ ଲହରିର ପ୍ରଭାବ ଦେଖିବାକୁ ମିଳିଥିଲା। କୁତ୍ରାରେ ମଧ୍ୟ ଏହି ମହାମାରୀର ପ୍ରଭାବ ଦେଖିବାକୁ ମିଳିଥିଲା। ସେହି ସମୟରେ ବିଭିନ୍ନ ସରକାରୀ କାର୍ଯ୍ୟଳୟ ଯଥା କୁତ୍ରା ଥାନା,ବ୍ଲକ, ତହସିଲ, ମେଡିକାଲ ଓ ଲ୍ୟାମ୍ପ୍ସକୁ ସାଧାରଣ ଲୋକଙ୍କ ଯିବାଆସିବା ଲାଗିରହିଥିବାରୁ କରୋନା ସଂକ୍ରମଣର ଭୟ ରହିଥିଲା। ଲୋକଙ୍କ ମଧ୍ୟରେ କରୋନା ଭୁତାଣୁ ନ ବ୍ୟାପିବା ପାଇଁ ରାଜଗାଙ୍ଗପୁରର ବିଧାୟକ ସି.ଏସ.ରାଜନ ଏକ୍କା ବ୍ଲକ, ତହସିଲ, ଥାନା, ମେଡିକାଲ ଓ ଲ୍ୟାମ୍ପରେ ବିଶୋଧନ ଯନ୍ତ୍ର ଲଗାଇଥିଲେ। ହେଲେ ଦୁଃଖର ବିଷୟ ହେଲା ଯେ ଯନ୍ତ୍ରଗୁଡିକର ରକ୍ଷଣବେକ୍ଷଣର ଅଭାବରୁ ଏହି ବିଶୋଧନ ଯନ୍ତ୍ରଗୁଡ଼ିକ ଅଚଳ ହୋଇପଡିରହିଛି। ଏବେ ଦ୍ୱିତୀୟ ଲହରରେ ମଧ୍ୟ ଏହି ଅଞ୍ଚଳରେ କରୋନାର ପ୍ରଭାବ ଦିନକୁ ଦିନ କ୍ଷିପ୍ର ଗତିରେ ବଢିବାରେ ଲାଗିଛି ଏବଂ କରୋନା ଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏହି ସରକାରୀ କାର୍ଯ୍ୟାଳୟଗୁଡିକରେ ଜନସମାଗମ ଦେଖିବାକୁ ମିଳୁଥିବାରୁ ଅଚଳ ହୋଇ ପଡିରହିଥିବା ବିଶୋଧନ ଯନ୍ତ୍ରଗୁଡ଼ିକୁ ମରାମତି କଲେ କରୋନା ବ୍ୟାପିବାକୁ ରୋକାଯାଇପାରନ୍ତା ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି।

# ଝଡ଼ବର୍ଷାରେ ଉଡ଼ିଗଲା ଆଜବେଷ୍ଟସ ଛାତ

ଦେବଗଡ,୮।୫(ଡି.ଏନ.ଏ)

ଶୁକ୍ରବାର ହଠାତ ଝଡବର୍ଷା ହେବାରୁ ଦେବଗଡ ଜିଲାର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଥିବା ଜଣାପଡିଛି। ବାରକୋଟ ବ୍ଲକ ଦନ୍ତାରୀବାହାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁସୁମକଟା ଗ୍ରାମରେ ଝଡବର୍ଷା ଯୋଗୁ ଆଜବେଷ୍ଟସ୍ ଛାତ ସମ୍ପୂର୍ଣ୍ଣ ଭାବେ ଉଡିଯାଇଛି। ଗୋଟିଏ ପରିବାରର ୩ ପ୍ରାଣୀ କୁଟୁମ୍ବ ଜଣେ ସମ୍ପର୍କୀୟଙ୍କ ଘରେ ଅସ୍ଥାୟୀ ଭାବେ ଆଶ୍ରୟ ନେଇଥିବା ଜଣାପଡିଛି । ଖବର ମୁତାବକ ଶୁକ୍ରବାର ହଠାତ ପ୍ରବଳ ବେଗରେ ପବନ ବୋହିବା ସହ ଝଡବର୍ଷା ହୋଇଥିଲା । ଫଳରେ କୁସୁମକଟା ଗ୍ରାମର ସୁଶୀଳ ଅମାତଙ୍କ ଘରର ଆଜବେଷ୍ଟସ ଛାତ ସହ କାଠ ରୁଅ, ଶେଣୀ ଏବଂ କଡି ଆଦି ଉଡିଯାଇଥିଲା। ଫଳରେ ଘରର ବହୁ ଆସବାବପତ୍ର ନଷ୍ଟ ହୋଇଯିବା ସହ ୨ ନାବାଳକ ପୁଅ ଝିଅଙ୍କ ସହିତ ସୁଶୀଳଙ୍କ ସ୍ତ୍ରୀ ଯାଜ୍ଞସେନୀ ବାସହୀନ ହୋଇପଡିଥିଲେ । ଏଣେ ସୁଶୀଳ କାମ ଧନ୍ଦା ନିମନ୍ତେ ତାମିଲନାଡୁ ଯାଇଥିବାରୁ ତାଙ୍କ ପରିବାର ଅସହାୟ ହୋଇପଡିଥିବା ଜଣାପଡିଛି। ସହାୟତା



ଝଡବର୍ଷା ଯୋଗୁ ଆଜବେଷ୍ଟସ୍ ଛାତ ସମ୍ପୂର୍ଣ୍ଣ ଭାବେ ଉଡିଯାଇଛି।

**ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଲେ ତିନି ପ୍ରାଣୀ କୁଟୁମ୍ବ**

ନିମନ୍ତେ ସେମାନେ ଇତିମଧ୍ୟରେ ରାଜସ୍ୱ ବିଭାଗ ନିକଟରେ ଗୁହାରୀ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିବା ଦୂରର କଥା ମୁଣ୍ଡ ଗୁଜିବା ପାଇଁ ସେମାନଙ୍କୁ ପଲିଥିନ ଖଣ୍ଡେ ମଧ୍ୟ ପ୍ରଦାନ କରାଯାଇନାହିଁ। ଫଳରେ ଶୁକ୍ରବାରଠାରୁ ସେମାନେ ସୁଶୀଳଙ୍କ ଶଳା (ଯାଜ୍ଞସେନୀଙ୍କ ଭାଇ)ଙ୍କ ଘରେ ଆଶ୍ରୟ ନେଇଥିବା ସୂଚନା ମିଳିଛି। ଏଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ପରିବାରକୁ ଆର୍ଥିକ ସହାୟତା ଏବଂ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଲୋକେ ଦାବି କରିଛନ୍ତି।

## କୋଭିଡ୍ ଚିକିତ୍ସାରେ ଯୋଗଦେଲେ ୪୦ ଡାକ୍ତର

ସୁନ୍ଦରଗଡ଼, ୮।୫(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାରେ ଚାଲିଥିବା କୋଭିଡ୍ ଚିକିତ୍ସାରେ ସହଯୋଗ କରିବା ପାଇଁ ୪୦ ଡାକ୍ତର ଯୋଗ ଦେଇଛନ୍ତି। ସେମାନଙ୍କୁ ସୁନ୍ଦରଗଡ଼ ଏବଂ ରାଉରକେଲାର ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ କେୟାର ସେଣ୍ଟରରେ ନିୟୋଜିତ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସେସ ଆଣ୍ଡ ରିସର୍ଚ୍ଚ (ଭିମସାର)ରୁ ଯୁବ ଡାକ୍ତରମାନେ ସୁନ୍ଦରଗଡ଼ରେ ପହଞ୍ଚିଛନ୍ତି। ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ରଙ୍କୁ ସାକ୍ଷାତ କରିବା ପରେ କିଏ କେଉଁଠାରେ କାର୍ଯ୍ୟ କରିବେ ତା'ର ତାଲିକା ପ୍ରସ୍ତୁତ ହୋଇଛି। ଏହି ୪୦ ଡାକ୍ତରଙ୍କ ମଧ୍ୟରୁ ସୁନ୍ଦରଗଡ଼ ଏନଟିପିସି କୋଭିଡ ହସ୍ପିଟାଲରେ ୧୨, ରାଉରକେଲାର ଜେପି ହସ୍ପିଟାଲରେ ୧୦, ଆଇଜିଏଚ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲରେ ୬, ଆରଜିଏଚରେ ୫, ହାଇଟେକରେ ୪, ଏନଆଇଟି କୋଭିଡ କେୟାର ସେଣ୍ଟରରେ ୩ ଜଣଙ୍କୁ ସାମିଲ କରାଯାଇଛି ।

# ଏଆଇୱାଇଏଫ୍ ପକ୍ଷରୁ ଗାଁରେ ସାନିଟାଇଜ



ଗ୍ରାମଗୁଡ଼ିକରେ ସାନିଟାଇଜ କରାଯାଉଛି।

ସୁନ୍ଦରଗଡ଼, ୮।୫ (ଡି.ଏନ୍.ଏ.)

ହେମଗିର ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସହ ସଂକ୍ରମିତଙ୍କ ମୃତ୍ୟୁ ସଂଖ୍ୟା ମଧ୍ୟ ଉଦ୍‌ବେଗଜନକ ରହିଥିବାବେଳେ ଏଆଇୱାଇଏଫ୍ (ଅଖିଳ ଭାରତ ଯୁବ ସଂଘ) ପକ୍ଷରୁ ଗ୍ରାମଗୁଡିକୁ ସାନିଟାଇଜ କରି ସଂକ୍ରମଣ ଚେନ ଭାଙ୍ଗିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ବିଭିନ୍ନ ଗ୍ରାମରେ ସଙ୍ଗଠନର ସଭ୍ୟମାନେ ସାନିଟାଇଜ କରୁଥିବା ବେଳେ ଅନେକ ଗ୍ରାମରେ ଯୁବକମାନଙ୍କ ସାହାଯ୍ୟରେ ସାନିଟାଇଜ କରୁଥିବା ଜଣାପଡିଛି। ଏହା ସହ କରୋନା ସମ୍ପର୍କିତ ବିଭିନ୍ନ ଭ୍ରମ ଅପପ୍ରଚାରରେ ନ ପଡ଼ି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ପରୀକ୍ଷା କରାଇ ସଙ୍ଗରୋଧରେ ରହିବା ଏବଂ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା, ମାସ୍କ ପିନ୍ଧିବା, ସାବୁନରେ ହାତ ଧୋଇବା ଆଦି ସଚେତନତା ସୃଷ୍ଟି କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ବଲବସପୁର, ଜାମକାନୀ, ରତନପୁର, ପୋଡାଜଲଙ୍ଗା, ଝାରପଲମ ଓ ଗିରିସିମା ଗ୍ରାମରେ ସ୍ପ୍ରେ ମେଶିନ ସାହାଯ୍ୟରେ ସାନିଟାଇଜ ଆରମ୍ଭ କରାଯାଇଛି। ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ଜିଲା ସଭାପତି ରାଜେନ୍ଦ୍ର ନାଏକ, ରାଧେଶ୍ୟାମ ଗର୍ଡିଆ, ସୁକଦେବ ପଧାନ, ପ୍ରଦୀପ ମହାନନ୍ଦିଆ, ନରେଶ ମେହେର, ନରେନ୍ଦ୍ର ତାଜନ, ରମେଶ ଜୟପୁରିଆ, ମହେଶ କିଷାନ, ଜନ୍ମେଜୟ ଶୁଲି ଓ ଚନ୍ଦ୍ରବ ମାଝୀ ପ୍ରମୁଖ ଥିବାବେଳେ ବିଭିନ୍ନ ଗ୍ରାମଗୁଡ଼ିକର ଯୁବକମାନେ ମଧ୍ୟ ଆଗେଇ ଆସିଥିବା ଜଣାପଡ଼ିଛି।

# ଦେବଗଡ଼ ଜିଲାରେ ଲକ୍‌ଡାଉନ୍, ଶଟ୍‌ଡାଉନ୍ ହେଲା କଡ଼ାକଡ଼ି

ଦେବଗଡ଼,୮।୫(ଡି.ଏନ.ଏ)

କରୋନା ସଂକ୍ରମଣରେ ବ୍ରେକ ଲଗାଇବା ପାଇଁ ସାରା ରାଜ୍ୟରେ ଲକ୍‌ଡାଉନ ଜାରି କରାଯାଇଛି। ଏହାସହ ସପ୍ତାହର ଶନିବାର ଏବଂ ରବିବାର ୨ଦିନ ପାଇଁ ସପ୍ତାହାନ୍ତ ସଟ୍‌ଡାଉନ ବଳବତ୍ତର ରହିଛି। ଏହି କ୍ରମରେ ଦେବଗଡ଼ ଜିଲାରେ ମଧ୍ୟ ପୋଲିସ ପକ୍ଷରୁ କଟକଣାକୁ କଡାକଡି କରାଯାଇଛି। ଦେବଗଡ଼ ପୌରାଞ୍ଚଳ ସମେତ ବାରକୋଟ, ରିଆମାଳ ଏବଂ କୁଣ୍ଢେଇଗୋଳା ପ୍ରଭୃତି ଥାନା ଅଞ୍ଚଳରେ କଡାକଡି ଭାବେ ସଟଡାଉନ କରାଯାଇଥିଲା । ଔଷଧ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ବ୍ୟବସାୟୀକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ପୋଲିସ ପକ୍ଷରୁ ଅମାନିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଦେବଗଡ଼ ଏସ୍‌ପି ମନୋଜ କୁମାର ମାହାନ୍ତଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜିଲା ସଦର ମହକୁମାର ବିଭିନ୍ନ ଛକ ଓ ଜନଗହଳି ପୂର୍ଣ୍ଣ ସ୍ଥାନରେ ଏକ ପ୍ଲାଟୁନ ପୋଲିସ ମୁତୟନ କରାଯାଇ ଚେକିଂ ଓ ବ୍ଲକିଂକୁ କଡାକଡି କରାଯାଇଥିଲା। ପ୍ରଧାନପାଟ ରାସ୍ତା ଉପରେ କେତେକ ପନିପରିବା ଦୋକାନୀ ପସରା ମେଲାଇଥିବାବେଳେ ପ୍ରାୟ ୮ଟାରେ ପୋଲିସ ପକ୍ଷରୁ ସେଗୁଡିକୁ ବନ୍ଦ କରାଯାଇଥିଲା। ସେହିପରି ଜରୁରୀ କାମ ନ ଥାଇ ବାହାରେ ବୁଲାବୁଲି କରୁଥିବା ଅମାନିଆଙ୍କଠାରୁ ପୋଲିସ ଜରିମାନା ଆଦାୟ କରିଥିବା ଦେଖାଯାଇଥିଲା। ସୂଚନା ମୁତାବକ ଗତ ଶୁକ୍ରବାର ସୁଦ୍ଧା ଜିଲାରୁ ସମୁଦାୟ ୨୮୪୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇ ସାରିଛନ୍ତି। ଜିଲାରୁ ଦୈନିକ ସଂକ୍ରମିତ ସର୍ବାଧିକ ୧୧୫ ଜଣ ଗତ ଶୁକ୍ରବାର ଚିହ୍ନଟ ହେବାପରେ ଜିଲା ପ୍ରଶାସନ ତରଫରୁ ଅଧିକ ସଜାଗ ରହିବାର ଆବଶ୍ୟକତା ରହିଥିବା ସାଧାରଣରେ ଆଲୋଚନା ହେଉଛି।



ଲକ୍‌ଡାଉନ କଡ଼ାକଡ଼ି ହେବା ପରେ ଦେବଗଡ଼ରେ ପୋଲିସ ସଜାଗ ରହିଛି।

# ଆଳୁ ବୋଝେଇ ଟ୍ରକ୍ ଘରେ ପଶିଯିବାରୁ ମହିଳାଙ୍କ ମୃତ୍ୟୁ

କେସିଙ୍ଗା,୮।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କନ୍ତେସିର ଗ୍ରାମ ଜାତୀୟ ରାଜପଥ ପାର୍ଶ୍ୱ ଏକ ଘର ଭିତରକୁ ଶନିବାର ସକାଳେ ଏକ ଆଳୁ ବୋଝେଇ ଟ୍ରକ ମାଡିଯିବାରୁ ମନ୍ଦନୀ ରଣା(୫୬)ଙ୍କ ମୃତ୍ୟୁ ଘଟିଛି । ତାଙ୍କ ସ୍ୱାମୀ ୬୦ ବର୍ଷୀୟ ମୋହନ ରଣା ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏହି ୧୨ଚକିଆ ଆଳୁ ବୋଝେଇ ଟ୍ରକଟି ବଲାଙ୍ଗୀରରୁ କେସିଙ୍ଗା ଅଭିମୁଖେ ଯାଉଥିଲା । ଟ୍ରକ ଡ୍ରାଇଭର କୌଣସି କାରଣରୁ ଭାରସାମ୍ୟ ହରାଇ ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମୋହନଙ୍କ ଘର ଭିତରକୁ ପଶି ଯାଇ ଓଲଟି ପଡିଥିଲା । ତେବେ ଘରେ ଶୋଇଥିବା ମନ୍ଦନୀଙ୍କ ଉପରେ ଟ୍ରକଟି ମାଡି ଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଝାଟିମାଟି ଘର ଭାଙ୍ଗି ନଷ୍ଟ ହୋଇଯାଇଛି। କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଟ୍ରକ ଡ୍ରାଇଭର ଫେରାର ଥିବା ଜଣାପଡ଼ିଛି । ମୃତକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି।

# କୋଭିଡ୍ ମେଡିକାଲରେ ଅବ୍ୟବସ୍ଥା

ବଡ଼ଗାଁ, ୮।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଗତ ପ୍ରାୟ ଦେଢମାସ ହେଲା ପ୍ରତିଦିନ ୩୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହେଉଥିବାବେଳେ ଏ ଯାଏଁ ୨୧ଜଣଙ୍କ ମୃତ୍ୟୁ ହେଲାଣି। ଗତ ୨ ଦିନ ମଧ୍ୟରେ ୩ଜଣ ସଂକ୍ରମିତ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଗୁରୁବାର ସୁନ୍ଦରଗଡ଼ କୋଭିଡ୍ ମେଡ଼ିକାଲରେ ଫୁଲବାରୀ ପଞ୍ଚାୟତ ଛାମୁଣ୍ଡା ଗ୍ରାମର ଶଙ୍କର କିଷାନ(୫୦)ଙ୍କ ମୃତ୍ୟୁ ହୋଇଥିବାବେଳେ ଗୋଟିଏ ଦିନ ପରେ ଶନିବାର ୨ଜଣଙ୍କ ମୃତ୍ୟୁ ଘଟିଛି। ବରଙ୍ଗାକଛାର ପଞ୍ଚାୟତ ମୁଣ୍ଡାଗାଁର ଶିକ୍ଷକ କ୍ଷେତ୍ରମୋହନ ନାଏକ (୪୮)ଙ୍କଠାରେ ପଜିଟିଭ ଜଣାପଡ଼ିବାରୁ ଗତ ମାସ ୨୨ ତାରିଖ ସୁନ୍ଦରଗଡ଼ କୋଭିଡ୍ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ୨୩ ତାରିଖ ରାଉରକେଲା ଜେପି ହସ୍ପିଟାଲକୁ ରେଫର୍ କରାଯାଇଥିଲା। ୧୫ ଦିନ ମୃତ୍ୟୁ ସହିତ ସଂଗ୍ରାମ କରି ଶେଷରେ ଶନିବାର ପ୍ରାଣ ହରାଇଛନ୍ତି। ସେ ଝାରସୁଗୁଡ଼ା ଜିଲାରେ ଶିକ୍ଷକତା କରୁଥିଲେ। ଏହି ପଞ୍ଚାୟତ ତଳିମୁଣ୍ଡା ଗ୍ରାମର ରସାନନ୍ଦ ପରୁଆଙ୍କ ସ୍ତ୍ରୀ ରାଧିକାଙ୍କୁ ୧୦ଦିନ ପୂର୍ବେ ସୁନ୍ଦରଗଡ଼ କୋଭିଡ୍ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତେବେ କରୋନା ସଂକ୍ରମିତ ବ୍ୟକ୍ତିଙ୍କୁ ସୁନ୍ଦରଗଡ଼ କୋଭିଡ୍ ମେଡ଼ିକାଲରେ ଭର୍ତ୍ତି କରିଥିବା ବ୍ୟକ୍ତିଙ୍କ ପରିବାର ଲୋକଙ୍କଠାରୁ ପ୍ରକାଶ, କୋଭିଡ୍ ମେଡ଼ିକାଲକୁ ନେଲା ପରେ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାସ୍ଥ୍ୟାବସ୍ଥା ଅନୁଯାୟୀ ଖାଦ୍ୟ ଦିଆଯାଉନାହିଁ। ଫଳରେ ସୁଗର, ବ୍ଲଡ଼ପ୍ରେସର ଥିବା ସଂକ୍ରମିତଙ୍କୁ ନାନାଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ଓ ରୋଗୀଙ୍କଠାରେ ହତାଶା ଭାବ ଦେଖାଦେଉଛି। ବରଙ୍ଗାକଛାର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିନୋଦ ପ୍ରଧାନଙ୍କୁ କୋଭିଡ୍ ମେଡ଼ିକାଲରେ ୪ ଦିନ ପୂର୍ବେ ଭର୍ତ୍ତି କରାଯାଇଛି। ତାଙ୍କୁ ଏଡ଼ମିଟ୍ କରିବାର ୩ଘଣ୍ଟା ପର୍ଯ୍ୟନ୍ତ ସୁଗର ଟେଷ୍ଟ କରାଯାଇ ନ ଥିଲା। ଭାତ, ଆଳୁ ତରକାରୀ ଖାଇବାକୁ ଦିଆଯାଇଥିଲା। ସୁଗର ବଢିଥିବା ସତ୍ତ୍ୱେ ପରୀକ୍ଷା ନ କରି ଭାତ, ଆଳୁ ଖାଇବାକୁ ଦେବା ଆଉ ଏକ ସମସ୍ୟା ସୃଷ୍ଟି କରିପାରେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଏହିପରି ଖାମଖିଆଲି, ଚିକିତ୍ସାରେ ଅବହେଳା ଓ ଠିକ୍ ସମୟରେ ଖାଦ୍ୟ ନ ଦେବା ଭଳି ଅବହେଳାର ଅନେକ ଦୃଷ୍ଟାନ୍ତ ଦେଖାଗଲାଣି। ଏହା ସତ୍ତ୍ୱେ ବିଧାୟକ, ସାଂସଦ, ଦଳୀୟ ନେତା, ଜିଲାପାଳ, ସିଡ଼ିଏମ୍‌ଓଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ କରିପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଅଳିଆ ଗଦାରୁ ନିଆଁ, ଜଳିଗଲା ଦୋକାନ

**ଅମରପାଲି,(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହର ସାମ୍ବାଦିକ ଭବନ ନିକଟରେ ଅଳିଆ ଗଦାରୁ ନିଆଁ ଲାଗି ଏକ ଦୋକାନ ଜଳିଯାଇଛି। କାଠ କ୍ୟାବିନରେ କରାଯାଇଥିବା ସେଲୁନ ନିଆଁ ଲାଗି ଛାରଖାର ହୋଇଯାଇଛି। ଶନିବାର ସକାଳେ ଦୋକାନ ପଛପଟେ ଥିବା ଅଳିଆ ଗଦାରେ କେହି ନିଆଁ ଲଗାଇ ଦେବା ଫଳରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ସପ୍ତାହନ୍ତ ଶଟଡାଉନ ଥିବାରୁ ଲୋକଙ୍କ ଚଳପ୍ରଚଳ ନ ଥିଲା। ତେଣୁ ଯେଉଁ କେତେକ ଲୋକ ଥିଲେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଅଗ୍ନିଶମ ବାହିନୀ ଖବର ପାଇ ଆସି ନିଆଁକୁ ଆୟତ୍ତ କଲାବେଳକୁ ସବୁ କିଛି ସରି ଯାଇଥିଲା। ତେବେ ପାଖରେ ଥିବା ଅନ୍ୟ ଦୋକାନଗୁଡିକ ନିଆଁରୁ ବର୍ତ୍ତିଯାଇଥିଲା।

# ଦୁଗ୍ଧ ବିକ୍ରି ଉପରେ କଟକଣା

**ବରଗଡ଼ ଅଫିସ୍/ଅତାବିରା,୮।୫**

- ୧୫ପ୍ରତିଶତରୁ କମ୍ କିଣିବ ଓମଫେଡ୍
- ରବିବାର ଦୁଗ୍ଧ କ୍ରୟ ବନ୍ଦ
- ବାକି ୬ ଦିନ ଗୋଟିଏ ଓଳି କିଣାଯିବ
- କ୍ଷତି ସହିବେ ଦୁଗ୍ଧଚାଷୀ

କରୋନା ସଂକ୍ରମଣ ଯୋଗୁ ଦୁଗ୍ଧ ଚାଷୀ ପ୍ରଭାବିତ ହୋଇଛନ୍ତି। ସଂକ୍ରମଣ ଆଳ କରି ଓମଫେଡ୍ ଦୁଗ୍ଧ କ୍ରୟ ଉପରେ ଶନିବାରଠାରୁ କଟକଣା ଲାଗୁ କରିଛି। ଏହାକୁ ଭିତ୍ତି କରି ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘ ଲିଃ, ସମ୍ବଲପୁର ସାମୟିକ କଟକଣା ଜାରି କରିଛି । ସଂଘର ସାଧାରଣ ପରିଚାଳକଙ୍କ ସମିତି ସର୍କୁଲାର ନଂ-୦୩ ତା-୬।୫।୨୧ରିଖ କ୍ରମେ ଗତ ବୁଧବାର ସମିତିଗୁଡ଼ିକରେ ଯେତେ ଦୁଗ୍ଧ ସଂଗୃହୀତ ହୋଇଥିଲା, ତାହାର ୧୫ପ୍ରତିଶତରୁ କମ୍ ଦୁଗ୍ଧ ସଂଗ୍ରହ କରି ସଂଘକୁ ପଠାଇବାକୁ ନିର୍ଦ୍ଦେଶ ରହିଛି। ଫଳରେ ଅନ୍ୟ ୮୫ପ୍ରତିଶତ ଦୁଗ୍ଧ କଣ କରିବେ, ତାକୁ ନେଇ ଦୁଗ୍ଧଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ସେହିପରି ଦୁଗ୍ଧ ସମିତିର ସମ୍ପାଦକଙ୍କ ପାଖକୁ ଶନିବାର ହ୍ୱାଟ୍ସଆପ୍ ଯୋଗେ ପୁଣି ଏକ ମେସେଜ୍ ଆସିଛି ଏବଂ ଏହି ମେସେଜରେ ରବିବାର ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘ ଲିଃ ଦ୍ୱାରା ଦୁଗ୍ଧ ସଂଗ୍ରହ ସମ୍ପୂର୍ଣ୍ଣ ବନ୍ଦ ରହିବ। ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ କେବଳ ସକାଳ ସମୟରେ ଦୁଗ୍ଧ ସଂଗ୍ରହ ହେବ ଏବଂ ସନ୍ଧ୍ୟାରେ ଏହା ବନ୍ଦ ରଖାଯିବା ପାଇଁ ନିର୍ଦ୍ଦେଶ ରହିଛି। ଏ ସମ୍ପର୍କରେ ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସମବାୟ ସଂଘ ଲିଃର ସାଧାରଣ ପରିଚାଳକ ଏନ. ସି. ମିଶ୍ରଙ୍କୁ ପଚାରିବାରୁ କୋଭିଡ୍ ପରିସ୍ଥିତି ଯୋଗୁ ସଂଗୃହୀତ ସମସ୍ତ ଦୁଗ୍ଧକୁ ଓମଫେଡ୍ ନେଇ ପାରୁନାହିଁ। ତେଣୁ ବାଧ୍ୟ ହୋଇ ଏଭଳି ସାମୟିକ କଟକଣା କରାଯାଇଛି ବୋଲି ସେ କହିଥିଲେ। ତେବେ ପରିସ୍ଥିତି ଦେଖି ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ମିଶ୍ର କହିଥିଲେ।


ଜଣେ ଦୁଗ୍ଧଚାଷୀ ଗାଇମାନଙ୍କ ଯତ୍ନ ନେଉଛନ୍ତି ।

ପ୍ରକାଶ ଯେ, ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସମବାୟ ସଂଘ ଲିଃ ଅଧୀନରେ ପ୍ରାୟ ୩୦୦ ପଞ୍ଜୀକୃତ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ରହିଛି। ସେଥିମଧ୍ୟରୁ ବରଗଡ଼ ଜିଲାରେ ପ୍ରାୟ ୨୦୦ ସମିତି ରହିଛି ଏବଂ ଏଠାରୁ ଦୈନିକ ପ୍ରାୟ ୮୦ହଜାର ଲିଟର ଦୁଗ୍ଧ ସଂଗୃହୀତ ହୋଇଥାଏ। ରବିବାର ଦୁଗ୍ଧ ସଂଗ୍ରହ ବନ୍ଦ କରାଯାଉଥିବାରୁ ସେହିଦିନର ଦୁଗ୍ଧ କଣ କରିବେ କିମ୍ବା କେଉଁଠି ବିକ୍ରି କରିବେ, ତାହା ଏବେ ଚାଷୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ସେହିପରି ସୋମବାରଠାରୁ ଶନିବାର କେବଳ ଗୋଟିଏ ଓଳି (ସକାଳ) ଦୁଗ୍ଧ କ୍ରୟ କରାଯିବାକୁ ନିର୍ଦ୍ଦେଶ ରହିଥିବାରୁ ସନ୍ଧ୍ୟା ସମୟର ଦୁଗ୍ଧକୁ କଣ କରିବେ, ତାକୁ ନେଇ ମଧ୍ୟ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ବର୍ଷେ ହେଲା କରୋନା ପାଇଁ ଲକ୍ ଡାଉନ, ଶଟ୍ ଡାଉନ୍ ଯୋଗୁ ଚାଷୀଙ୍କ ଆର୍ଥିକ ସ୍ଥିତି ଭୁଷୁଡ଼ି ପଡ଼ିଛି। ଏଭଳି ସ୍ଥିତିରେ ବିକଳ୍ପ ଭାବେ ଦୁଗ୍ଧ ବିକ୍ରି ସେମାନଙ୍କ ପରିବାର ଗୁଜୁରାଣ ପାଇଁ ସହାୟକ ହେଉଥିଲା । କିନ୍ତୁ ଏବେ ଦୁଗ୍ଧ ବିକ୍ରି ଉପରେ କଟକଣା ଦୁଗ୍ଧଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି।

ଭେଡ଼େନ ବ୍ଲକ ଉଦେପୁର ଗ୍ରାମର ଦୁଗ୍ଧଚାଷୀ କ୍ଷୀରୋଦ ପ୍ରଧାନ କହିଛନ୍ତି, ଗତବର୍ଷ କୋଭିଡ୍ ଯୋଗୁ ଆର୍ଥିକ କ୍ଷତିଗ୍ରସ୍ତ ହୋଇଥିଲୁ। ସେତେବେଳେ ମାସକରେ ୧୫ଦିନ ସମିତି ଦୁଗ୍ଧ ସଂଗ୍ରହ କରୁଥିଲା ଓ ଅନ୍ୟ ୧୫ଦିନ ସମିତିରେ ତାଲା ଝୁଲୁଥିଲା। ଫଳରେ ୧୫ଦିନର ଦୁଗ୍ଧ ଘରେ ରଖିବା କିମ୍ବା ଅନ୍ୟ କେଉଁଠି ବିକ୍ରି କରିବା ସମ୍ଭବ ହୋଇ ନ ଥିଲା ଏବଂ ତାହା ନଷ୍ଟ ହେଉଥିଲା । ବର୍ତ୍ତମାନ ସେହି ପରିସ୍ଥିତି ଉପୁଜିବ। ଏଭଳି ସ୍ଥିତିରେ ଯଦି କଟକଣା ଲାଗୁ କରାଯାଉଛି, ତେବେ ସରକାର ଦୁଗ୍ଧଚାଷୀଙ୍କୁ କ୍ଷତିପୂରଣ ଦେବା ସହିତ ମାଗଣାରେ ଗୋଖାଦ୍ୟ ଯୋଗାଇ ଦିଅନ୍ତୁ ବୋଲି ପ୍ରଧାନ କହିଛନ୍ତି। ସେହିପରି କଲାପାଣି ଗ୍ରାମର ଅନ୍ୟ ଜଣେ ଦୁଗ୍ଧଚାଷୀ ମହାଦେବ ମହାପାତ୍ର କହିଛନ୍ତି, ତାଙ୍କର ଦୈନିକ ୧୯ଲିଟର ଦୁଗ୍ଧ ଉତ୍ପାଦନ ହୋଇଥାଏ । ଗତବର୍ଷ ୨ମାସ ଧରି ଏଭଳି ଦୁଗ୍ଧ ବିକ୍ରି ଉପରେ କଟକଣା ଲାଗିବାରୁ କ୍ଷତି ହୋଇଥିଲା। ଏଥର ଦୁଗ୍ଧ ବିକ୍ରି ଉପରେ ସେଭଳି କଟକଣା କରା ନ ଯାଉ ବୋଲି ମହାପାତ୍ର କହିଛନ୍ତି। ବରଗଡ଼ ଜିଲା ଦୁଗ୍ଧ ଉତ୍ପାଦକ ଚାଷୀ ସଂଘ ସଭାପତି ସୁରେଶ୍ୱର ଶତପଥି କହିଛନ୍ତି, ଏଭଳି ସମସ୍ୟା ନେଇ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇ ଦୁଗ୍ଧ ପାଉଡ଼ର ପ୍ଲାଣ୍ଟ ସ୍ଥାପନ ପାଇଁ ଦାବି ହୋଇ ଆସୁଛି। ମାତ୍ର ସରକାର ତାକୁ ଗୁରୁତ୍ୱ ଦେଉ ନାହାନ୍ତି। ଫଳରେ ଘରୋଇ ଦୁଗ୍ଧ କ୍ରୟ ସଂସ୍ଥା ବଜାରକୁ ମାଡ଼ି ବସୁଛନ୍ତି ଏବଂ ଏଥିପାଇଁ ଚାଷୀଙ୍କୁ ମଧ୍ୟ କ୍ଷତି ସହିବାକୁ ପଡୁଛି। କୋଭିଡ୍ ବିପର୍ଯ୍ୟୟ ସମୟରେ ରାଜ୍ୟ ସରକାର ଓମଫେଡ୍ ମାଧ୍ୟମରେ ଚାଷୀଙ୍କଠାରୁ ଶତ ପ୍ରତିଶତ ଦୁଗ୍ଧ କ୍ରୟ କରନ୍ତୁ ଏବଂ ତାକୁ ଅନ୍ୟ କୌଣସି ଦୁଗ୍ଧ ପାଉଡ଼ର ପ୍ଲାଣ୍ଟକୁ ପଠାନ୍ତୁ। ନଚେତ୍ ଦୁଗ୍ଧ ଚାଷୀମାନେ ଠିକଣା ସମୟରେ ଉଚିତ୍ ଜବାବ ଦେବେ ବୋଲି ଶତପଥୀ ଚେତାବନୀ ଦେଇଛନ୍ତି।

## ବିଶ୍ୱ ରେଡ୍‌କ୍ରସ୍ ଦିବସରେ ରକ୍ତଦାନ ଶିବିର

**ବୌଦ୍ଧ,୮।୫(ସ୍ୱ.ପ୍ର.)**

ବିଶ୍ୱ ରେଡକ୍ରସ ଦିବସ ଅବସରରେ ଶନିବାର ଜିଲା ବ୍ଲଡ ବ୍ୟାଙ୍କ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ରେଡକ୍ରସ ସୋସାଇଟି ଏବଂ ବୌଦ୍ଧ ଜିଲାରେ ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜନ କରୁଥିବା ସଂଗଠନର କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତ୍ରିଲୋଚନ ପ୍ରଧାନ, ସହକାରୀ ଜିଲାପାଳ ଅବିନାଶ ପାଣ୍ଡିଆ, ଡା. ମଳୟ କୁମାର ସାହୁ, ଯୁଥ୍ ରେଡକ୍ରସ ଅଧିକାରୀ ପ୍ରବିର କୁମାର ଦାସ, ରକ୍ତଦାତା ପ୍ରବର୍ତ୍ତକ ସଂଘର ସମ୍ପାଦକ ଦେବାଶିଷ ପୁରୋହିତ, ପ୍ରଣାମ ଅନୁଷ୍ଠାନର ବସନ୍ତ କୁମାର ସାହୁ ଯୋଗଦାନ କରିଥିଲେ। ଏଥିରେ ପଞ୍ଚମ ଭାରତୀୟ ରିଜର୍ଭ ବାଟାଲିୟନର କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନର ରକ୍ତଦାତାମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତଦାତାମାନେ କୋଭିଡ ଟିକା ନେବା ପୂର୍ବରୁ ରକ୍ତଦାନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଜିଲା ରେଡକ୍ରସ ପକ୍ଷରୁ ପ୍ରତିଦିନ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଓଡିଶା ରେଡକ୍ରସ ରକ୍ତ ଭଣ୍ଡାର ପକ୍ଷରୁ ଚତୁର୍ଭୁଜ ବାରିକ, ଦିଲୀପ କୁମାର ପ୍ରଧାନ, ଦେବଦତ୍ତ କିଷାନ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ନର୍ଲା, ୮।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ଼ ପଞ୍ଚାୟତ ଅଧୀନ ବରଗାଁ ଗ୍ରାମର ଜଣେ ଯୁବକଙ୍କର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ଲକ ଅନ୍ତର୍ଗତ ଅସୁରଗଡ ଗାଁର ଭିକାରୀ ସାହୁ(୩୦)। ଏକ ଟେଣ୍ଟ ହାଉସ୍ କାମରେ ନିୟୋଜିତ ଭିକାରୀ ଶନିବାର ସକାଳେ ଛଡିକୁଦାସ୍ଥିତ ଅଲାବୁଲା ଗ୍ରାମରେ ଟେଣ୍ଟ ବାନ୍ଧୁଥିବା ବେଳେ ବିଦ୍ୟୁତ୍ ତାର ତାଙ୍କ ଗୋଡ଼ରେ ଲାଗି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକ ଏ ନେଇ ନର୍ଲା ଥାନାରେ ଅଭିଯୋଗ କରିଛନ୍ତି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କେନାଲରେ ଭାସିଯାଉଥିବା ହରିଣକୁ ବଞ୍ଚାଇଲେ ଯୁବଗୋଷ୍ଠୀ



**ଅମରପାଲି,୮।୫(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନାଞ୍ଚଳ ଅଧିନ କ୍ଷୀରପୁର ଗ୍ରାମ ଦେଇ ଯାଇଥିବା କେନାଲରେ ଭାସି ଯାଉଥିବା ଏକ ହରିଣକୁ ଯୁବକମାନେ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ଶନିବାର ଅପରାହ୍ନରେ କ୍ଷୀରପୁର ନିକଟସ୍ଥ ଜଙ୍ଗଲରୁ ପାଣି ପାଇଁ ହରିହର ଜୋର କେନାଲକୁ ହରିଣଟି ଆସିଥିଲା। ଏହି ସମୟରେ ହଠାତ୍ କୁକୁରମାନେ ଗୋଡାଇବାରୁ ହରିଣ ଜୀବନବିକଳରେ କେନାଲକୁ ଡେଇଁ ପଡ଼ିଥିଲା। ଗ୍ରାମର ଯୁବକମାନେ ଏନେଇ ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଆସିବା ପୂର୍ବରୁ ସ୍ଥାନୀୟ ଯୁବକମାନେ କେନାଲରୁ ହରିଣକୁ ଧରିଥିଲେ।

### ଯାଞ୍ଚ କଡ଼ାକଡ଼ି କଲା ପୋଲିସ

**ଦେଓଗାଁ, ୮।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବସ୍‌ଷ୍ଟାଣ୍ଡ ୨୬ନଂ ରାଜପଥ ଉପରେ ଶନିବାର ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯାଇଛି। ଥାନାଧିକାରୀ ପ୍ରଭାତ ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଯାଞ୍ଚ ପ୍ରକ୍ରିୟାରେ କୋଭିଡ ନିୟମ ଉଲ୍ଲଂଘନ କରିଥିବା ବ୍ୟକ୍ତିବିଶେଷଙ୍କଠାରୁ ଜରିମାନା ଆଦାୟ କରାଯାଉଛି । ଶନିବାର ସପ୍ତାହନ୍ତ ଶଟଡାଉନ କଟକଣା ଅମାନ୍ୟ କରିଥିବା ଅମାନିଆଙ୍କଠାରୁ ପୋଲିସ ୫ହଜାର ଟଙ୍କା ଜରିମାନା ଆଦାୟ କରିଛି।

### କଣ୍ଟେନମେଣ୍ଟ ଜୋନରେ ସାନିଟାଇଜ କାର୍ଯ୍ୟକ୍ରମ

**ଦେଓଗାଁ, ୮।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର ପଞ୍ଚାୟତର କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇଥିବା ନୂଆଁପାଲିରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶନିବାର ସାନିଟାଇଜ ଓ ମାସ୍କ ବଣ୍ଟନ କରାଯାଇଛି। ଯୁବନେତା ଭୋଳାନାଥ ସାହୁଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଘରଘର ବୁଲି ସାନିଟାଇଜ କରିଥିଲେ। ଏଥିସହ ଲୋକଙ୍କୁ ମାସ୍କ ବଣ୍ଟନ କରିବା ସହ କରୋନା ସଂକ୍ରମଣକୁ ରୋକ ଲଗାଇବାପାଇଁ ଆବଶ୍ୟକ ପଦକ୍ଷେପ ନେବା ବିଷୟରେ ସଚେତନ କରାଇଥିଲେ। ପରେ ବରକାନୀରେ ଅନୁଷ୍ଠିତ ଏହିପରି କାର୍ଯ୍ୟକ୍ରମରେ ମାନୁ ମେର୍ଲ୍ଲି, କେଶବ ରଣା, ଘନଶ୍ୟାମ ନନ୍ଦ, ବବୁଲୁ ନାଗ, ରାହୁଲ ସୁନା, ସରୋଜ ମେହେର ପ୍ରମୁଖ ସାମିଲ ହୋଇଥିଲେ।

### ବୌଦ୍ଧ ଜିଲାରେ ୧୭୮ ପଜିଟିଭ ଚିହ୍ନଟ

**ବୌଦ୍ଧ,୮।୫(ସ୍ୱ.ପ୍ର.):** ଗତ କିଛି ଦିନ ହେବ ବୌଦ୍ଧ ଜିଲାରେ ଦୈନିକ ସଂକ୍ରମଣ ଶହେ ଉପରେ ରହୁଛି। ଶନିବାର ଜିଲାରେ ୧୭୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ କୋଭିଡ ସଂକ୍ରମିତଙ୍କ ସଂଖ୍ୟା ୪୫୫୬ରେ ପହଞ୍ଚିଛି। ସେଥିମଧ୍ୟରୁ ୩୦୨୦ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ବର୍ତ୍ତମାନ ୧୫୨୧ ଜଣ ସକ୍ରିୟ ରୋଗୀ ବିଭିନ୍ନ ଚିକିତ୍ସାଳୟ ଓ ଗୃହ ସଙ୍ଗରୋଧରେ ଚିକିତ୍ସାଧୀନ ଅଛନ୍ତି।

## କେନ୍ଦୁମୁଣ୍ଡା ଗାଁ: ଫ୍ଲୋରାଇଡ୍ ଯୁକ୍ତ ପାଣିରେ ବଞ୍ଚୁଛି ଜୀବନ

**ନୂଆପଡା ଅଫିସ, ୮।୫**

ନୂଆପଡା ଜିଲା ସିନାପାଲି ବ୍ଲକ ଅଧୀନ କେନ୍ଦୁମୁଣ୍ଡା ଗାଁରେ ପାନୀୟ ଜଳାଭାବ ଦେଖାଦେଇଛି । ଏହି ଗାଁରେ ସରକାର ୧୦ ଲକ୍ଷ ଟଙ୍କା ବ୍ୟୟରେ ଓଭରହେଡ ଟାଙ୍କି ଓ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ସୋଲାର ବୋର୍ କରିଛନ୍ତି । ସେହିପରି ୫ ଲକ୍ଷ ୮୦ ହଜାର ଟଙ୍କାର ଆରଓ ପ୍ଲାଣ୍ଟ ନିର୍ମାଣ ହୋଇଛି । କିନ୍ତୁ ଦୀର୍ଘ ୫ ବର୍ଷ ହେବ ଏହା ଅଚଳ ଅବସ୍ଥାରେ ପଡି ରହିଛି। ଏହି ପ୍ରକଳ୍ପ କେବେ ଚାଲିବ କାହାକୁ ଜଣାନାହିଁ। ଏଭଳି ପରିସ୍ଥିତିରେ ଲୋକେ ଫ୍ଲୋରାଇଡ ଯୁକ୍ତ ପାଣି ବ୍ୟବହାର କରୁଛନ୍ତି। ଫଳରେ ଲୋକେ ବିଭିନ୍ନ ରୋଗରେ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନୂଆପଡା ସଦର ମହକୁମାଠାରୁ ୧୨୦ କିଲୋମିଟର ଦୂରରେ ରହିଛି କେନ୍ଦୁମୁଣ୍ଡା ଗାଁ । ଏହି ଗାଁରେ ୧୪୩୪ ଜଣ ପରିବାର ବସବାସ କରନ୍ତି । ଗାଁରେ ୧୪ଟି ନଳକୂପ ଥିବାବେଳେ ସବୁଥିରୁ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଛି। ପ୍ରଶାସନ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ଏହାର ପାଣି ଲୋକଙ୍କ ନିକଟକୁ ଅପହଞ୍ଚ ହୋଇପଡିଛି। ଏହି ସମସ୍ୟାକୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ଫ୍ଲୋରାଇଡ ଯୁକ୍ତ ପାଣି ପିଇ ଲୋକେ ଜୀବନ ବଞ୍ଚାଉଛନ୍ତି। ଏ ସମ୍ପର୍କରେ ସିନାପାଲି କନିଷ୍ଠ ଯନ୍ତ୍ରୀ କେ. ସାହୁଙ୍କୁ ପଚାରିବାରୁ ଏ ବିଷୟରେ ଅବଗତ ଅଛି। ଶୀଘ୍ର ଜଳଯୋଗାଣର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

## ଟିକା ପାଇଁ ପ୍ରବଳ ଭିଡ଼, ମାନୁ ନାହାନ୍ତି ସାମାଜିକ ଦୂରତା


ସୋନପୁର ଟିକାକରଣ କେନ୍ଦ୍ର ସମ୍ମୁଖରେ ଲୋକଙ୍କ ଭିଡ।

**ସୋନପୁର,୮।୫(ନି.ପ୍ର.)**

ସୁବର୍ଣ୍ଣପୁର ଡିଏଚ୍ଏଚ୍(ଜିଲା ମୁଖ୍ୟ ଚିକିତ୍ସାଳୟ)ରେ ଶନିବାର କୋଭିଡ ଟିକା ନେବା ପାଇଁ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଟିକା ସରିଯାଇଥିବାରୁ କିଛିଦିନ ହେବ ଟିକାକରଣ ବନ୍ଦ ରହିଥିଲା। ଟିକା ଆସିବା ପରେ ପୁଣି ଟିକାକରଣ ଆରମ୍ଭ ହୋଇଛି। ସକାଳ ୭ଟାରୁ ଲମ୍ବା ଧାଡି ଲାଗିଥିଲା। ଟୋକନ୍ ପାଇଁ ଶତାଧିକ ମହିଳା ଓ ପୁରୁଷ ଦୀର୍ଘ ସମୟ ଧରି ଖରାରେ ଛିଡା ହୋଇ ରହିଥିଲେ। ଡିଏଚ୍ଏଚ୍‌ରେ କେହି ସାମାଜିକ ଦୂରତା ରଖି ନ ଥିଲେ। କେବଳ ଦ୍ୱିତୀୟ ଡୋଜ ଟିକାକରଣ ହେବ ବୋଲି କୁହାଯିବାରୁ ପ୍ରଥମ ଡୋଜ୍ ନେବା ପାଇଁ ଆସିଥିବା ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକେ ନିରାଶ ହୋଇ ଫେରିଥିଲେ। ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ଟିକାକରଣ ଚାଲିଥିଲା। ୩୮୫ ଜଣଙ୍କୁ ଦ୍ୱିତୀୟ ଡୋଜ ଟିକା ଦିଆଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲିପ କୁମାର ପଣ୍ଡାଙ୍କ ଠାରୁ ପ୍ରକାଶ ।

## ଡ. ଅଜାମ୍ବର ମଲ୍ଲଙ୍କ ବିୟୋଗରେ ଶୋକ

**ଟିଟିଲାଗଡ, ୮।୫(ଡି.ଏନ.ଏ.)**

ଓଡିଶାର ଜଣାଶୁଣା ସାହିତ୍ୟିକ, ସୁସମାଲୋଚକ, ଗାଳ୍ପିକ ଡ. ଅଜାମ୍ବର ମଲ୍ଲଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ତାଙ୍କ ବିୟୋଗରେ ବଲାଙ୍ଗୀର, ଟିଟିଲାଗଡ ତଥା ରାଜ୍ୟର ସାରସ୍ୱତ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ, ଡିଏଭି କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଡ. ଛାୟାକାନ୍ତ ଷଡଙ୍ଗୀ, ଡ. ଦୋଳଗୋବିନ୍ଦ ବିଶି ଗଭୀର ଶୋକ ପ୍ରକଟ କରିଛନ୍ତି। ଟିଟିଲାଗଡ ବରିଷ୍ଠ ନାଗରିକ କମିଟି ସଭାପତି ଅଶ୍ୱିନୀ ମହାନ୍ତି, ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢୀ, ଡା. ଘନଶ୍ୟାମ ଜୈନ, ଡ. ବିନୋଦବିହାରୀ ଜାଲ, ଡ. ଗୋବର୍ଦ୍ଧନ ସାହୁ, ଡ. ଯୁଗଲ କିଶୋର ଷଡଙ୍ଗୀ, ଡିଏଭି କଲେକ ପ୍ରାକ୍ତନ ଅଧ୍ୟକ୍ଷ ରାମହରି ସାହୁ, ଓମଭେଲି ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଦୀପକ ସାହୁ ଶୋକ ବ୍ୟକ୍ତ କରିଛନ୍ତି । ଏହାଛଡା ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ରବି କିରଣ ସ୍ୱାଇଁ, ଘନଶ୍ୟାମ ଗୋୟଲ, ବିଶ୍ୱରାମ ଠାକୁର, ସେବକ ଚରଣ ଦାଶଙ୍କ ସମେତ ସହରର ବିଭିନ୍ନ ସାହିତ୍ୟିକ ଅନୁଷ୍ଠାନ, ସଂଗଠନ ପକ୍ଷରୁ ଶୋକ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବଲାଙ୍ଗୀରସ୍ଥିତ କିମ୍ସ କୋଭିଡ ହସ୍ପିଟାଲରେ ଅଜାମ୍ବରଙ୍କ ପରଲୋକ ଘଟିଛି ।

## ଅଚଳ ହୋଇପଡ଼ିଛି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ

**ବାଉଁଶୁଣୀ,୮।୫(ଡି.ଏନ.ଏ)**

ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ଜନଗହଳିସ୍ଥାନ ତଥା ମୁଖ୍ୟ ଛକ ନିକଟରେ ପଥଚାରୀଙ୍କ ସୁବିଧା ପାଇଁ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ପାଇଁ ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ଅଧିକାଂଶ ପ୍ରକଳ୍ପ ନିର୍ମାଣର କିଛି ଦିନ ପରେ ଅକାମି ହୋଇ ପଡୁଥିବା ଦେଖିବାକୁ ମିଳିଛି। ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଅନ୍ତର୍ଗତ ବଲାସିଙ୍ଗା ଛକରେ ଥିବା ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ଦେଖିଲେ ଏହା ସ୍ପଷ୍ଟ ଜଣାପଡେ।

ପ୍ରକାଶ ଯେ, ୨୦୧୬-୧୭ ଆର୍ଥିକ ବର୍ଷରେ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନରୁ ୨ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟରେ ପଥଚାରୀଙ୍କ ସୁବିଧା ପାଇଁ ବଲାସିଙ୍ଗା ଛକରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ନିକଟସ୍ଥ ଓଲଣିଆ, ଗିରାସିଙ୍ଗା, ଖରମୁଣ୍ଡା, ଲୁଣ୍ଡାବେରେଣି ଆଦି ଗ୍ରାମର ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ଏହି ଛକରୁ ବସରେ ଯାଇଥାନ୍ତି। ବସକୁ ଅପେକ୍ଷା କରିବା ସମୟରେ ଶୋଷ ହେଲେ ଏହି ପ୍ରକଳ୍ପରୁ ପାଣି ପିଇଥାନ୍ତି। କିନ୍ତୁ ଦୀର୍ଘ ଦିନ ହେବ ଏହା ଅକାମି ହୋଇପଡିଛି। ବର୍ତ୍ତମାନ ଗ୍ରୀଷ୍ମ ଋତୁ ହୋଇଥିବାରୁ ପଞ୍ଚାୟତ ପକ୍ଷରୁ ଏଠାରେ ଜଳଛତ୍ର ଖୋଲାଯାଇ ନ ଥିବାରୁ ଏହି ଛକ ଉପରେ ନିର୍ଭର କରୁଥିବା ଜନସାଧାରଣ ପାଣି ମୁନ୍ଦେ ପାଇଁ ଡହକବିକଳ ହେଉଛନ୍ତି । ବୌଦ୍ଧ ବ୍ଲକ ସଦର ମହକୁମାଠାରୁ ୨ କିମି ଓ ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ପ୍ରକଳ୍ପ ଯଦି ଦିନ ଦିନ ଧରି ଅଚଳ ରହୁଛି ତାହାଲେ ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ପ୍ରକଳ୍ପ କିପରି ଚାଲୁଥିବ ତାହା ସହଜରେ ଅନୁମେୟ। ଯଥାଶୀଘ୍ର ବଲାସିଙ୍ଗା ଛକରେ ଥିବା ପାନୀୟ ଜଳ ପ୍ରକଳ୍ପ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।



ଅଚଳ ହୋଇଥିବା ପ୍ରକଳ୍ପ ।

## ଗୋଷ୍ଠୀ ସଂକ୍ରମଣକୁ ନିମନ୍ତ୍ରଣ

**ଜାମଟିକ୍ରା,୮।୫(ଡି.ଏନ.ଏ):** ଅତାବିରା ବ୍ଲକରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ଅତାବିରା ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଟପିଲାଣି। ସଂକ୍ରମିତଙ୍କ ପାଇଁ ପୂର୍ବ ପରି ବର୍ତ୍ତମାନ କୌଣସି କଟକଣା ନ ଥିବା ମନେ ହେଉଛି। ଫଳରେ ସେମାନେ ଅବାଧରେ ବୁଲାବୁଲି କରୁଥିବା ଦେଖାଯାଉଛି। ଅନେକ ଲୋକ ଅଜାଣତରେ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସୁଛନ୍ତି। ଫଳରେ ଅତାବିରା ଅଞ୍ଚଳରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ନେଇ ଚର୍ଚ୍ଚା ହେଉଛି ।

## କାଞ୍ଚନ ଜୁଏଲର୍ସ ଗହଣା ଲୁଟ୍ ଘଟଣାର ପର୍ଦ୍ଦାଫାଶ

**ଜୁନାଗଡ,୮।୫(ଡି.ଏନ୍.ଏ.)**

- ଜୁନାଗଡ଼ ଥାନା
- ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ

କଳାହାଣ୍ଡି ଜିଲା ଜୁନାଗଡ ସହର କଲମପୁର ଛକ ନିକଟରେ ଥିବା କାଞ୍ଚନ ଜୁଏଲର୍ସରୁ ଗହଣା ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି। ।ଶନିବାର ଜୁନାଗଡ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ କରି ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ ଏ ନେଇ ସୂଚନା ଦେଇଛନ୍ତି। ଏହି ଘଟଣାରେ ସଂପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପାକେଲାପଲି ଗ୍ରାମର ଦାସ ସୁରେଶ(୩୫)ଙ୍କୁ ପୋଲିସ ଗିରଫ କରି ସ୍ଥାନୀୟ ଜେଏମ୍ଏଫସି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ଠାରୁ ୭୨ଗ୍ରାମ ସୁନା ଓ ୮ଶହ ଗ୍ରାମ ରୁପା ଅଳଙ୍କାର ଜବତ କରାଯାଇଛି। ଖବରଦାତା ସମ୍ମିଳନୀରେ ଏହି ଘଟଣାର ତଦନ୍ତ କରୁଥିବା ଏସ୍ଆଇ କୃଷ୍ଣଚନ୍ଦ୍ର ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ।

ପ୍ରକାଶ ଯେ,ଗତ ମାର୍ଚ୍ଚ ୧୦ ତାରିଖରେ ଜୁନାଗଡ ସହର କଲମପୁର ଛକ ନିକଟସ୍ଥ କାଞ୍ଚନ ଜୁଏଲର୍ସର ମାଲିକ ରଞ୍ଜନ କୁମାର ସାହୁ ସୁନା ଓ ରୁପା ଅଳଙ୍କାର ଥିବା ଏକ ବ୍ୟାଗ ନେଇ ନିଜ ଦୋକାନ ଖୋଲିବା ପାଇଁ ଆସିଥିଲେ। ଦୋକାନ ଶଟରର ତାଲା ନ ଖୋଲିବାରୁ ବ୍ୟାଗକୁ ତଳେ ରଖି ଦେଇ ପୁନର୍ବାର ଖୋଲିବା ପାଇଁ ଚେଷ୍ଟା କରିଥିଲେ। ତେବେ ଦୁର୍ବୃତ୍ତମାନେ ପୂର୍ବରୁ ଯୋଜନା ମୁତାବକ ତାଲାରେ ଅଠା ଲଗାଇ ଦେଇଥିବାରୁ ଏହା ଖୋଲିବାରେ ବିଳମ୍ବ ହୋଇଥିଲା। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ହେଲମେଟ ଓ ମାସ୍କ ପିନ୍ଧି ଏକ କଳା ରଙ୍ଗର ପଲ୍‌ସରରେ ଆସି ଉକ୍ତ ବ୍ୟାଗକୁ ଧରି ଚମ୍ପଟ ମାରିଥିଲେ। ଯାହାକି ସିସିଟିଭି ଫୁଟେଜ୍‌ରେ କଏଦ ହୋଇଥିଲା। ଦୋକାନ ମାଲିକ ରଞ୍ଜନଙ୍କ ଅଭିଯୋଗ କ୍ରମେ ପୋଲିସ ଏହି ଘଟଣାରେ ଏକ ମାମଲା(ନଂ୬୮/୨୦୨୧) ରୁଜୁ କରି ତଦନ୍ତ ଚଳାଇଥିଲା।



ଖବରଦାତା ସମ୍ମିଳନୀରେ ଜୁନାଗଡ ଥାନାଧିକାରୀ ଲୁଟ ସମ୍ପର୍କରେ ସୂଚନା ଦେଉଛନ୍ତି(ବାମ), ଜବତ ସୁନା ଗହଣା।

**ବାଉଁଶୁଣୀ: ବଢୁଛି ମଦ କାରବାର**

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ବ୍ଲକ ବାଉଁଶୁଣୀ ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦ କାରବାର ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଲକ୍‌ଡାଉନ ବେଳେ ରାଜ୍ୟ ସରକାର ସମସ୍ତ ମଦ ଦୋକାନକୁ ବନ୍ଦ କରିଛନ୍ତି। ଏହାର ସୁଯୋଗ ନେଇ ବାଉଁଶୁଣୀ ଅଞ୍ଚଳର କିଛି ଦୋକାନୀ ବାହାର ଜିଲାରୁ ମଦ ଆଣି ବିକ୍ରି କରୁଛନ୍ତି। ବାଉଁଶୁଣୀ ଅଞ୍ଚଳରେ ପ୍ରଚୁର ବେଆଇନ ମଦ କାରବାର ବୃଦ୍ଧି ପାଉଥିବା ବେଳେ ସେଭଳି ଚଢ଼ାଉ ହେଉନାହିଁ। ଏହା ଉପରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।



## ସଂକ୍ଷେପରେ

### ସିଟି ସ୍କାନ୍ ମେଶିନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ବରଗଡ଼ ଅଫିସ୍,୮।୫:** ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ସିଟି ସ୍କାନ ମେଶିନ ନ ଥିବାରୁ କୋଭିଡ ଆକ୍ରାନ୍ତ ଚିହ୍ନଟ କାଠିକର ପାଠ ହୋଇ ପଡ଼ିଛି। ଆଣ୍ଟିଜେନ ଏବଂ ଆରଟିପିସିଆର ଟେଷ୍ଟରେ ନେଗେଟିଭ ରିପୋର୍ଟ ଆସିବା ପରେ ମଧ୍ୟ କେତେକଙ୍କ କ୍ଷେତ୍ରରେ ସେମାନଙ୍କ ଫୁସଫୁସ୍ ଅଧିକ ମାତ୍ରାରେ ଆକ୍ରାନ୍ତ ହେଉଥିବା ଏବଂ ଶେଷରେ ଜୀବନ ଚାଲି ଯାଉଛି । ଏଭଳି କ୍ଷେତ୍ରରେ ସିଟି ସ୍କାନ ଜରୁରୀ ହୋଇ ପଡ଼ିଛି। ତେଣୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଏକ ସିଟି ସ୍କାନ ମେଶିନ ଯୋଗାଇ ଦେବାକୁ ବରଗଡ଼ ଦେବେଶ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଅନୁରୋଧ କରିଛନ୍ତି। ଅନ୍ୟପଟେ ବିଧାୟକ ଆଚାର୍ଯ୍ୟଙ୍କ ଅନୁରୋଧ ପରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ତଥା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଆକ୍ରାନ୍ତଙ୍କ ସିଟି ସ୍କାନ ପାଇଁ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ ସୁବିଧା କରାଯାଇଛି ବୋଲି ସୂଚନା ମିଳିଛି । ସେଠାରେ ସିଟି ସ୍କାନ ପାଇଁ ଆକ୍ରାନ୍ତଙ୍କୁ ସରକାରଙ୍କ ଧାର୍ଯ୍ୟ ଦର ୧୨୫୧ଟଙ୍କା ୯୯ ପଇସା ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି ।

### ମଦ ଜବତ, ଜଣେ ଗିରଫ

**ନୂଆପଡା ଅଫିସ, ୮।୪:** ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ନୂଆପଡା ପୋଲିସ ଶୁକ୍ରବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ନୂଆପଡା ସଦର ଥାନା ସିଲଦା ଗାଁ ଆଦିବାସୀ ପଡାର ଧନରାଜ ପାଣ୍ଡେ। ତାଙ୍କଠାରୁ ଦେଶୀ ମଦ ୫୬୦ ପାଉଚ୍ ଓ ବିଦେଶୀ ମଦ ୬୪ ବୋତଲ ଜବତ କରାଯାଇଛି। ନୂଆପଡା ସଦର ଥାନା ଆଇଆଇସି ସଂଯୁକ୍ତା ବାର୍ଲାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ଭୁଜାଲି ମାଡରେ ଛେଳି ମାଲିକଙ୍କ ମୃତ୍ୟୁ

ସୋନପୁର,୮।୫(ନି.ପ୍ର.): ଭୁଜାଲି ମାଡରେ ଶନିବାର ସୋନପୁର ଥାନା ସାଗରପାଲି ଗ୍ରାମର ଛେଳି ମାଲିକ କମଳାକାନ୍ତ ଗୁରୁ(୫୫)ଙ୍କ ମୃତ୍ୟୁ ହୋଇଛି। କମଳାକାନ୍ତ ବୁର୍ଲା ଡାକ୍ତରଖାନାରେ ଗତ ବୁଧବାର ସକାଳୁ ଚିକିତ୍ସିତ ହେଉଥିଲେ। ଗତ ବୁଧବାର ରାତି ୨ଟାରେ ସୋନପୁର ଥାନା ଡୁଙ୍ଗୁରିପାଲି ଗ୍ରାମର ସୁରଟ କୁମାର(୪୦) ଛେଳି ଚୋରି କରିବା ପାଇଁ କମଳାକାନ୍ତଙ୍କ ଘରକୁ ଯାଇଥିଲେ। ଛେଳି ଚୋରି ସମୟରେ ସୁରଟଙ୍କୁ ଧରି ପକାଇଥିଲେ କମଳାକାନ୍ତ। ଏଥିରେ ଉତ୍ତ୍ୟକ୍ତ ହୋଇ ସୁରଟ କମଳାକାନ୍ତଙ୍କ ପେଟରେ ଭୁଜାଲି ମାଡ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ସୋନପୁର ପୋଲିସ ଅଭିଯୁକ୍ତ ସୁରଟଙ୍କୁ ଗିରଫ କରିଛି।

### ବିଇଓଙ୍କୁ ଶିକ୍ଷକ ସଂଘର ଦାବିପତ୍ର

**ଭବାନୀପାଟଣା, ୮।୫ (ଡି.ଏନ.ଏ.):** କରୋନା ମୁକାବିଲାରେ ନିୟୋଜିତ ଶିକ୍ଷକମାନଙ୍କୁ କରୋନା ଯୋଦ୍ଧା ମାନ୍ୟତା ଦେବାକୁ ଦାବି ହୋଇଛି। ଏ ନେଇ ଗୁରୁବାର ଭବାନୀପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ଦାବିପତ୍ର ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପୂର୍ଣ୍ଣଶଶି ମହାନ୍ତି, ଉପସଭାପତି ପ୍ରଦ୍ୟୁମ୍ନ ହୋତା, ସଂଯୋଜକ ମନୋଜ ପଣ୍ଡା, ଶିକ୍ଷକ ନେତା ଦୁଷ୍ମନ୍ତ ମାଝି, ଡିଲେଶ୍ୱର ରଣା ପ୍ରମୁଖ ଭବାନୀପାଟଣା ବିଇଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, କରୋନା ସମୟରେ ଘରଘର ବୁଲି ସ୍କ୍ରିନିଂ ଓ ସ୍ୱାସ୍ଥ୍ୟ ସର୍ଭେରେ ଶିକ୍ଷକଙ୍କୁ ନିୟୋଜିତ କରାଯାଉଛି। ହେଲେ ଅନ୍ୟ କରୋନା ଯୋଦ୍ଧା ଭଳି ସେମାନଙ୍କୁ ଟିକାକରଣରେ ପ୍ରାଥମିକତା ଦିଆଯାଉ ନାହିଁ। ଏଣୁ କରୋନା ମୁକାବିଲାରେ ସାମିଲ କରିବା ପୂର୍ବରୁ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଟିକାକରଣ କରାଯିବା ସହ ଡ୍ୟୁଟି ସମୟରେ କରୋନା କିଟ୍ ପ୍ରଦାନ କରାଯିବା ଏବଂ କରୋନା ଯୋଦ୍ଧାଙ୍କୁ ପ୍ରଦାନ କରାଯାଉଥିବା ଅନ୍ୟ ସମସ୍ତ ସୁବିଧା ଦିଆଯିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି।

# ସମ୍ପତ୍ତି ବିବାଦରୁ ହତ୍ୟା କରିଥିଲେ ପୁତୁରା

**ଆଶ୍ରମ ମୁଖ୍ୟଙ୍କୁ ଗଳା କାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ**

**ସୋନପୁର, ୮।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ବିଶିମୁଣ୍ଡା ରାଧାକୃଷ୍ଣ ଆଶ୍ରମର ମୁଖ୍ୟବାବା କୃଷ୍ଣଚିନ୍ତନ ଦାସ(୪୯)ଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ସମ୍ପତ୍ତି ବିବାଦରୁ ୨ପୁତୁରା ବାବାଙ୍କ ଗଳାକାଟି ହତ୍ୟା କରିଥିଲେ ବୋଲି ଏସ୍‌ପି ସୀତାରାମ ଶତପଥୀ ସୂଚନା ଦେଇଛନ୍ତି। ପୋଲିସ ବାବାଙ୍କ ପୁତୁରା ସୋନପୁର ଥାନା ବୈଦ୍ୟନାଥ ଗ୍ରାମର ଅମିତ ଓରଫ ଶମ୍ଭୁଭୂଷଣ ମିଶ୍ର(୩୪) ଓ ମିଥୁନ ଓରଫ ଡୋଲମଣି ମିଶ୍ର(୨୪)ଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ବାବା ଆଶ୍ରମ ବାରଣ୍ଡାରେ ଶୋଇଥିବା ବେଳେ ରବିବାର ବିଳମ୍ବିତ ରାତିରେ ତାଙ୍କୁ ହତ୍ୟା କରାଯାଇଥିଲା। ବାବାଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ଗ୍ରାମବାସୀ ସୋମବାର ସକାଳେ ଠାବ କରିଥିଲେ। ସୂଚନା ପାଇ ପୋଲିସ ମୃତଦେହ ଜବତ କରିଥିଲା। ବୈଦ୍ୟନାଥ ଗ୍ରାମର କହ୍ନେଇ ଚରଣ ମିଶ୍ର ଗତ ୭ ବର୍ଷ ହେବ ବିଶିମୁଣ୍ଡା ଫୁଟବଲ ପଡିଆ ନିକଟରେ ଆଶ୍ରମ କରି ବାବା କୃଷ୍ଣ ଚିନ୍ତନ ଦାସ ନାମରେ ଏକୁଟିଆ ରହି ଆସୁଥିଲେ। ସେ ନୂତନ ଭାବେ ଏକ ରାଧାକୃଷ୍ଣ ମନ୍ଦିର ଆଶ୍ରମ ପରିସରରେ ନିର୍ମାଣ କରୁଥିଲେ। ତେବେ ପୈତୃକ ସମ୍ପତ୍ତି ଲୋଭରେ ବାବାଙ୍କ ଭାଇ ଅର୍ଥାତ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ଦୁଇ ପୁଅ ଅମିତ ଓ ମିଥୁନ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି। ବିଶିମୁଣ୍ଡା ସରପଞ୍ଚ ମଧୁସୂଦନ ଓତାଙ୍କ ରିପୋର୍ଟ କ୍ରମେ ସୋନପୁର ଥାନାରେ ଏକ ହତ୍ୟା ମାମଲା (ନଂ. ୧୧୪/୨୧)ରୁଜୁ ହୋଇଥିଲା।



ଗିରଫ ହୋଇଥିବା ବାବା କୃଷ୍ଣଚିନ୍ତନ ଦାସଙ୍କ ଦୁଇ ପୁତୁରା।

# ସିଏଚ୍‌ସିରେ କରୋନା ସଂକ୍ରମିତଙ୍କୁ ଚିକିତ୍ସା, ଭିଡିଓ ଭାଇରାଲ

**ଲୋଇସିଂହା, ୮।୫(ଡି.ଏନ.ଏ.)**

କରୋନା ସଂକ୍ରମିତଙ୍କ ସ୍ୱତନ୍ତ୍ର ଚିକିତ୍ସା ପାଇଁ ଜିଲା ମୁଖ୍ୟାଳୟରେ ବ୍ୟବସ୍ଥା କରାଯାଇଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ଏହାର ଉଲ୍ଲଂଘନ କରାଯାଇ ଜିଲା ବାହାର ଜଣେ ସଂକ୍ରମିତଙ୍କୁ ଚିକିତ୍ସିତ କରାଯାଉଥିବାର ଭିଡିଓ ଭାଇରାଲ ହୋଇଛି। ସିଏଚ୍‌ସିର କେତେକ ଡାକ୍ତର ଓ ଷ୍ଟାଫ ସଂକ୍ରମିତ ହେବା ପରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶଟ୍‌ଡାଉନ କରାଯାଇଛି। ଏଭଳି ସ୍ଥିତିରେ ଗତ ଗୁରୁବାର ବିଳମ୍ବିତ ରାତିରୁ ଜଣେ ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ୱାର୍ଡରେ ରଖାଯାଇଛି। ଏପରିକି ସମ୍ପୃକ୍ତ ବ୍ୟକ୍ତି ଜଣକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ପଦାଧିକାରୀଙ୍କ ନିକଟ ସମ୍ପର୍କୀୟ ବୋଲି କୁହାଯାଉଛି। ଏହା ଜଣା ପଡିଲା ପରେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ପ୍ରତିମା ସୋରେନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଭୀମ ସାହୁଙ୍କୁ ପଚାରିବାରୁ ସେଭଳି କୌଣସି ସୂଚନା ତାଙ୍କ ପାଖରେ ନାହିଁ କିମ୍ବା କେହି ଅଭିଯୋଗ କରି ନାହାନ୍ତି। ତେବେ ଭାଇରାଲ ଭିଡିଓର ସେ ଯାଞ୍ଚ କରିବେ ବୋଲି କହିଛନ୍ତି। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ମୃତ ଶିକ୍ଷକଙ୍କୁ ମିଳିଲାନି ଚାରିକାନ୍ଧ

**ବରଗଡ଼ ଅଫିସ୍/ଝାରବନ୍ଧ,୮।୫**

କରୋନା ସଂକ୍ରମଣ ଆରମ୍ଭ ହେବା ଦିନଠାରୁ କିଭଳି ମାନବିକତା ହଜି ଯାଉଛି, ତାର ଗୋଟିଏ ପରେ ଗୋଟିଏ ଦୃଷ୍ଟାନ୍ତ ସାମ୍ନାକୁ ଆସିବାରେ ଲାଗିଛି। ଶୁକ୍ରବାର ବରଗଡ଼ ଜିଲା ଝାରବନ୍ଧ ବ୍ଲକରେ କାର୍ଯ୍ୟରତ ଜଣେ ଶିକ୍ଷକଙ୍କ ମୃତ୍ୟୁ ପରେ ତାଙ୍କୁ ଚାରିକାନ୍ଧ ନ ମିଳିବା ଏବଂ ମୃତକଙ୍କ ବାପା, ବଡ଼ଭାଇ ତାଙ୍କୁ କାନ୍ଧେଇ ସ୍ୱର୍ଗଦ୍ୱାରକୁ ନେଇ ଦାହ କରିବା ଭଳି ଘଟଣା ଘଟିଛି।

ଝାରବନ୍ଧ ବ୍ଲକ ବେହେରା ଡୁଙ୍ଗୁରି ଗ୍ରାମର ଉତ୍ତର କୁମାର ସିଦ୍ଦାର(୩୪) ଦାବପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲରେ ଶିକ୍ଷକତା କରୁଥିଲେ। କୋଭିଡ୍ ମୁକାବିଲା ପାଇଁ ସେ ରାପିଡ୍ ରେସପନ୍ସ୍ ଟିମ୍‌ରେ ରହିଥିଲେ। ସ୍ଥାନୀୟ ଆଶା, ଅଙ୍ଗନୱାଡ଼ି କର୍ମୀଙ୍କ ସହିତ ଘର ଘର ବୁଲି ସ୍ୱର୍ଗତ ସିଦ୍ଦାର କରୋନା ସଚେତନତା କରି ଆସୁଥିଲେ। ମାତ୍ର ଗତ କିଛିଦିନ ତଳେ ସେ ଅସୁସ୍ଥ ଅନୁଭବ କରିଥିଲେ ଏବଂ ଜଗଦଲପୁର ଯାଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିଥିଲେ। ଏହାପରେ ସେ ସୁସ୍ଥ ଅନୁଭବ ହୋଇଥିଲେ । ମାତ୍ର ଗୁରୁବାର ରାତ୍ରିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା ଏବଂ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେବା ବାଟରେ ଉତ୍ତରଙ୍କ ମୃତ୍ୟୁ ହୋଇଥିଲା ବୋଲି ତାଙ୍କ ବାପା ଶନିଲାଲ କହିଛନ୍ତି। ମୃତ୍ୟୁ ପରେ କରୋନା ଭୟରେ କେହି ପାଖକୁ ଆସି ନ ଥିଲେ। ଫଳରେ ସେ ଏବଂ ବଡ଼ପୁଅ ତେଜରାମ ମୃତ ଉତ୍ତରଙ୍କୁ କାନ୍ଧେଇ ସ୍ୱର୍ଗଦ୍ୱାର ନେଇ ଦାହ କରିଥିଲେ ବୋଲି ସେ କହିଛନ୍ତି । ଏ ସମ୍ପର୍କରେ ଝାରବନ୍ଧ ବିଡ଼ିଓ ଦେବାଶିଷ ସିହ୍ନାଙ୍କୁ ପଚାରିବାରୁ ଶିକ୍ଷକଙ୍କ ମୃତ୍ୟୁ ନେଇ ତାଙ୍କୁ ସୂଚନା ମିଳିଛି। ମାତ୍ର ତାଙ୍କ ବାପା ଶବକୁ କାନ୍ଧେଇ ନେଇଥିବା ସମ୍ପର୍କରେ କିଛି ସୂଚନା ମିଳି ନ ଥିବା କହିଥିଲେ ।

# ଡାକ୍ତର ପରମେଶ୍ୱର ରଥଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୮।୫**



ବଲାଙ୍ଗୀରର ଜଣାଶୁଣା ଭେଷଜ ବିଶେଷଜ୍ଞ ଡା. ପରମେଶ୍ୱର ରଥ (୭୭)ଙ୍କ ଶନିବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । କିଛିଦିନ ତଳେ ସେ କରୋନା ସଂକ୍ରମିତ ଚିହ୍ନଟ ହେଲାପରେ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ଭୁବନେଶ୍ୱରଠାରେ ତାଙ୍କର ଦାହ ସଂସ୍କାର କରାଯାଇଛି । ତାଙ୍କ ସ୍ତ୍ରୀ, ଦୁଇପୁଅ, ବୋହୂ, ଗୋଟିଏ ଝିଅ, ଜ୍ୱାଇଁ, ନାତିନାତୁଣୀ ଅଛନ୍ତି । ବଲାଙ୍ଗୀର ସହରରେ ଜନ୍ମଗ୍ରହଣ କରିଥିବା ଡା ରଥ ପୃଥ୍ୱୀରାଜ ହାଇସ୍କୁଲ, ରାଜେନ୍ଦ୍ର କଲେଜରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ବୁର୍ଲା ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଓ ପରେ ପିଜି ଡିଗ୍ରୀ ହାସଲ କରିଥିଲେ । ୧୯୭୨ ମସିହାରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟସେବାରେ ଯୋଗଦାନ କରି ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟ କରି ୨୦୦୨ରେ ଅବସର ଗ୍ରହଣ କରିଥିଲେ । ବଲାଙ୍ଗୀର ନାଗରିକ କମିଟି ଓ ଅନ୍ୟାନ୍ୟ ସାମାଜିକ ସଙ୍ଗଠନ ସହ ସେ ସମ୍ପୃକ୍ତ ଥିଲେ । ତାଙ୍କ ବିୟୋଗରେ ବଲାଙ୍ଗୀର ନାଗରିକ କମିଟି ଓ ଅନ୍ୟାନ୍ୟ ମହଲରେ ଶୋକ ପ୍ରକାଶ ପାଇଛି ।

# କୋଭିଡ୍ ଦ୍ୱିତୀୟ ଲହର ରୋକିବାରେ ମିଳିତ ସହଯୋଗ ଲୋଡ଼ା



ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ରେଡକ୍ରସ ପତାକା ଉତ୍ତୋଳନ କରୁଛନ୍ତି।

**ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ**

**ବଲାଙ୍ଗୀର ଅଫିସ, ୮।୫**

ବଲାଙ୍ଗୀରର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଶନିବାର ବିଶ୍ୱ ରେଡକ୍ରସ ଦିବସରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରି ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରିଥିଲେ। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ମହେନ୍ଦ୍ର କୁମାର ନାୟକ, ଜିଲା ରେଡକ୍ରସ ଉପାଧ୍ୟକ୍ଷ ଏବଂ ପୃଷ୍ଠପୋଷକ ବିଷ୍ଣୁ ପ୍ରସାଦ କେଡିଆ, ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନର ବିବେକାନନ୍ଦ ପଟେଲ ଓ ସୋମନାଥ ମିଶ୍ରଙ୍କୁ ମାନପତ୍ର ଦେଇ ଲାଗୁରି ସମ୍ମାନିତ କରିଥିଲେ। କୋଭିଡ୍ ସମୟରେ ଜୁନିୟର ରେଡକ୍ରସ ତରଫରୁ ଜନସଚେତନତା କାର୍ଯ୍ୟକ୍ରମ କରାଯାଇଥିବାରୁ ଶିକ୍ଷକ ରାମ ନାରାୟଣ ଦାଶ, ରବିଚନ୍ଦ୍ର ପଶାୟତଙ୍କ ସହ ସହକର୍ମୀଙ୍କୁ ଏବଂ ପୃଷ୍ଠପୋଷକ କେଡିଆଙ୍କୁ ମୁଖ୍ୟଅତିଥି ଲାଗୁରି ସମ୍ବର୍ଦ୍ଧିତ କରିଥିଲେ। ଜିଲା ରେଡକ୍ରସ ସମ୍ପାଦିକା ରୀନା କୁମାରୀ ନାଏକ, ଜିଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ସଦସ୍ୟମାନେ ୨୦ ୟୁନିଟ୍ ରକ୍ତଦାନ କରିଥିଲେ । ଆଗଲପୁର ବ୍ଲକ ଜୁନିୟର ରେଡକ୍ରସ ସାଲେଭଟା ଶାଖା ତରଫରୁ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ କାଉନସେଲର ଦୁର୍ଯ୍ୟୋଧନ ପଶାୟତ ସଭାପତିତ୍ୱ କରିଥିଲେ। ସିଆରସିସି ସଦାନନ୍ଦ ଭୋଇ, ବିରାଜ ନନ୍ଦ ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରୁଦ୍ରକାନ୍ତ ମେହେର, ମୁରସୁଣ୍ଡ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ନେତ୍ରାନନ୍ଦ ସାହୁ ଅତିଥିଭାବେ ଯୋଗଦେଇଥିଲେ। କୋଭିଡ ଦ୍ୱିତୀୟ ଲହରକୁ ରୋକିବା ଦିଗରେ ସମସ୍ତଙ୍କ ମିଳିତ ସହଯୋଗ ଉପରେ ଆଲୋଚନା କରାଯାଇଥିଲା ।

# ବିପୁଳ ପରିମାଣର ଦେଶୀ, ବିଦେଶୀ ମଦ ଜବତ

**ମୁରିବାହାଲ, ୮।୫(ଡ଼ି.ଏନ.ଏ.)**



ପୋଲିସ ଜବତ କରିଥିବା ମଦ।

ବଲାଙ୍ଗୀର ଜିଲା ମୁରିବାହାଲ ପାଟ୍ରୋଲିଂ ପୋଲିସ ଶନିବାର ହଳଦୀ ଗ୍ରାମରେ ଚଢାଉ କରି ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଜବତ କରିଛି। ଗ୍ରାମର ନାରାୟଣ ପୋଢ଼ ବସ୍ତିରେ ଏକ ଘରେ ରଖିଥିବା ୮୦ପେଟି ବିଦେଶୀ ମଦ, ୧୨୦୦ମଦ ପାଉଚ ପୋଲିସ ଜବତ କରିଥିଲା। ଜବତ ମଦର ଆନୁମାନିକ ମୂଲ୍ୟ ୨ଲକ୍ଷ ୫୦ହଜାର ଟଙ୍କା ହେବ। ତେବେ ଚଢାଉ ବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏ ନେଇ ମୁରିବାହାଲ ଥାନାରେ ଏକ ମାମଲା(ନଂ.୫୮/୨୧)ରୁଜୁ ହୋଇଛି। ଥାନା ଆଧିକାରୀ ତାରା ଜସମିନ ଗୁରିଆଙ୍କ ନେତୃତ୍ୱରେ ଏସଆଇ ସଂଯୁକ୍ତ ପ୍ରଧାନ, ରାଷ୍ଟ୍ରପତି ରଣା, ପ୍ରମୋଦ କୁମାର ମିଶ୍ର, କିଶନ ପୂଜାରି ପ୍ରମୁଖ ଚଢାଉ କରିଥିଲେ।

# କୋଭିଡ୍ ମୁକାବିଲା ବୈଠକ

**ବରଗଡ଼ ଅଫିସ୍,୮।୫**

ବରଗଡ଼ ଜିଲାରେ କରୋନା ସଂକ୍ରମଣ ଅଣାୟତ୍ତ ହୋଇପଡ଼ିଛି। ଗତ କିଛିଦିନ ହେଲା ଏଠାରେ ଦୈନିକ ସଂକ୍ରମଣ ୪୦୦ ଉପରକୁ ରହୁଛି। ଶନିବାର ୪୨୮ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାରେ ଏଭଳି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଜିଲାବାସୀଙ୍କ ସମେତ ପ୍ରଶାସନ ପାଇଁ ମଧ୍ୟ ଚିନ୍ତା ପାଲଟିଛି। ଅନ୍ୟପଟେ ଏହାକୁ ପ୍ରତିହତ କରିବା ସହିତ ଜିଲାବାସୀଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇବା ଶାସକ ଦଳର ନେତୃବୃନ୍ଦ ତଥା ସ୍ଥାନୀୟ ଜନ ପ୍ରତିନିଧିଙ୍କ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି। ଏହି କ୍ରମରେ ଶନିବାର ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ବରଗଡ଼ସ୍ଥିତ ବାସଭବନରେ ଦଳୀୟ ନେତୃବୃନ୍ଦଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି । ଉକ୍ତ ବୈଠକରେ ରାଜ୍ୟସଭା ସଦସ୍ୟ ଆଚାର୍ଯ୍ୟଙ୍କ ସମେତ ବିଜେଡ଼ିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ, ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେପୁର ବିଧାୟିକା ରୀତା ସାହୁ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ କୋଭିଡ୍ ହସ୍ପିଟାଲରେ ନିକଟ ଭବିଷ୍ୟତରେ ନୂତନ ଭାବେ ୩୦ଟି ଆଇସିୟୁ ଶଯ୍ୟା ଖୋଲାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି । ସେହିପରି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆକ୍ରାନ୍ତମାନେ କିଭଳି ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଅଧିକରୁ ଅଧିକ ସୁବିଧା ପାଇ ପାରିବେ, ସେ ନେଇ ମଧ୍ୟ ଆଲୋଚନା ହୋଇଥିବା ଖବର ମିଳିଛି।

# ୨୦ ଖବରଦାତାଙ୍କୁ ଦିଆଗଲା କୋଭିଡ୍ ଟିକା

**କେସିଙ୍ଗା,୮।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସହରରେ କାର୍ଯ୍ୟରତ ୨୦ରୁ ଊର୍ଦ୍ଧ୍ୱ ଖବରଦାତାଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି କୋଭିଡ ଟିକା ଦିଆଯାଇଛି । ପ୍ରେସ କ୍ଲବର ସଭାପତି ଉମ୍ବରୁଧର ଭୋଇ, ଉପ ସଭାପତି ତୁମେଶ୍ୱର ସାହୁ, ଯୁଗ୍ମ ସମ୍ପାଦକ ମଧୁ ସିନ୍ଦୁର, ମନୋଜ କୁମାର ସିଂ ପ୍ରମୁଖ ଟିକା ନେଇଥିଲେ।

# ବୌଦ୍ଧରୁ ଆସିଲା ସପ୍ତମ ପର୍ଯ୍ୟାୟ ରଥକାଠ

**ପୁରୀ ଅଫିସ, ୮।୫**

ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଥିବାବେଳେ ପର୍ଯ୍ୟାୟକ୍ରମେ ରଥକାଠ ପହଞ୍ଚିଛି। ପୂର୍ବରୁ ନୟାଗଡ଼ ଓ ବୌଦ୍ଧ ବନଖଣ୍ଡରୁ ରଥକାଠ ଆସିଥିବାବେଳେ ଶନିବାର ବୌଦ୍ଧ ବନଖଣ୍ଡରୁ ସପ୍ତମ ପର୍ଯ୍ୟାୟରେ ଗୋଟିଏ ରଥକାଠ ବୋଝେଇ ଟ୍ରକ୍ ଆସି ପହଞ୍ଚିଛି। ସପ୍ତମ ପର୍ଯ୍ୟାୟରେ ଧଉରା କାଠ ୮ଖଣ୍ଡ ଆସିଛି। କାଠଗୁଡ଼ିକ ରଥର ଦଣ୍ଡା, ଅଖ ଏବଂ ଗୟଳ ନିର୍ମାଣରେ ବ୍ୟବହାର କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ରଥଯାତ୍ରା ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବବର୍ଷର ୬୯ ଖଣ୍ଡ କାଠ ବଳକା ରହିଛି। ତେଣୁ ବର୍ତ୍ତମାନ ୭୯୬ ଖଣ୍ଡ କାଠର ଆବଶ୍ୟକତା ରହିଛି। ତେବେ ଖପୁରିଆ କରତକଳକୁ ୫୦୯ ଖଣ୍ଡ କାଠ ପଠାଯାଇସାରିଛି।

# ଆଳୁ ବୋଝେଇ ଟ୍ରକ୍ ଘରେ ପଶି ଯିବାରୁ ମହିଳାଙ୍କ ମୃତ୍ୟୁ

**କେସିଙ୍ଗା,୮।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କନ୍ତେସିର ଗ୍ରାମ ଜାତୀୟ ରାଜପଥ ପାର୍ଶ୍ୱ ଏକ ଘର ଭିତରକୁ ଶନିବାର ସକାଳେ ଏକ ଆଳୁ ବୋଝେଇ ଟ୍ରକ ମାଡିଯିବାରୁ ମନ୍ଦନୀ ରଣା(୫୬)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ୬୦ ବର୍ଷୀୟ ମୋହନ ରଣା ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏହି ୧୨ଚକିଆ ଆଳୁ ବୋଝେଇ ଟ୍ରକଟି ବଲାଙ୍ଗୀରରୁ କେସିଙ୍ଗା ଅଭିମୁଖେ ଯାଉଥିଲା । ଟ୍ରକ ଡ୍ରାଇଭର କୌଣସି କାରଣରୁ ଭାରସାମ୍ୟ ହରାଇ ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମୋହନଙ୍କ ଘର ଭିତରକୁ ପଶି ଯାଇ ଓଲଟି ପଡିଥିଲା । ତେବେ ଘରେ ଶୋଇଥିବା ମନ୍ଦନୀଙ୍କ ଉପରେ ଟ୍ରକଟି ମାଡି ଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଝଟିମାଟି ଘର ଭାଙ୍ଗି ନଷ୍ଟ ହୋଇଯାଇଛି। କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଟ୍ରକ ଡ୍ରାଇଭର ଫେରାର ଥିବା ଜଣାପଡ଼ିଛି । ମୃତକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି।



ଟ୍ରକଟି ଘର ଭିତରକୁ ପଶିଯାଇ ଓଲଟି ପଡିଛି ।

# ୫୯ ହିତାଧିକାରୀ ବିଦ୍ୟୁତ୍ ସେବାରୁ ବଞ୍ଚିତ

**ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା**

- ବର୍ଷେ ହେଲା ଘରେ ଲାଗିଲାଣି ବୋର୍ଡ ଓ ମିଟର

**ବିନିକା, ୮।୫(ଡି.ଏନ୍.ଏ.)**

ଗରିବ ଲୋକଙ୍କ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ଏହାର ସୁଫଳ ପାଇବାରୁ ବହୁ ସମୟରେ ଲୋକଙ୍କୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି । ଯାହାର ଉଦାହରଣ ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସୀମାନ୍ତ ପଡୋଶୀ ବରଗଡ ଜିଲାର ଭେଡେନ ବ୍ଲକରେ । ଏହି ବ୍ଲକ ଅଧୀନ ଭାଙ୍ଗକୁଦ ଗ୍ରାମର ବହୁ ପରିବାର ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନାରେ ବିଦ୍ୟୁତ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯଥାଶୀଘ୍ର ବିଦ୍ୟୁତ ସଂଯୋଗ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଭାଙ୍ଗକୁଦ ହେଉଛି ବରଗଡ ଜିଲା ଭେଡେନ ବ୍ଲକ ମହୁଲପାଳି ଗ୍ରାମ ପଞ୍ଚାୟତର ସର୍ବପୁରତାନ ରାଜସ୍ୱ ଗ୍ରାମ। ଗ୍ରାମଟି ୩ ୱାର୍ଡ ବିଶିଷ୍ଟ । ଜନସଂଖ୍ୟା ୧ହଜାରରୁ ଊର୍ଦ୍ଧ୍ୱ । ୨୦୧୮-୧୯ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନାରେ ଏହି ଗାଁର ୮୮ଜଣ ଗରିବ ପରିବାରଙ୍କୁ ବିଦ୍ୟୁତ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ହୋଇଥିଲା । ଭେଡେନ ବ୍ଲକ ବିଦ୍ୟୁତ୍ ବିଭାଗ ତତ୍ତ୍ୱାବଧାନରେ ଏନଟିପିସି ଭାଙ୍ଗକୁଦ ଗ୍ରାମର ଗରିବ ହିତାଧିକାରୀଙ୍କ ଘରେ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ହାତକୁ ନେଇଥିଲା । ପ୍ରଥମେ ସଂସ୍ଥା ପକ୍ଷରୁ ହିତାଧିକାରୀ ତାଲିକାରେ ନାଁ ଥିବା ବ୍ୟକ୍ତିଙ୍କ ଘରେ ବିଦ୍ୟୁତ୍ ବୋର୍ଡ ଓ ମିଟର ବସାଗଲା । ଗ୍ରାମର ୮୮ ପରିବାରଙ୍କ ଘରେ ମିଟର ଏବଂ ବୋର୍ଡ ଲାଗିବା କଥା । ମାତ୍ର ସଂସ୍ଥା ପକ୍ଷରୁ କେବଳ ୫୯ଟି ଘରେ ବୋର୍ଡ ଏବଂ ମିଟର ବସାଗଲା । ଏହାପରେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ରାସ୍ତାରେ ଏକ ୬୩ କିଲୋୱାଟ ବିଶିଷ୍ଟ ଟ୍ରାନ୍ସଫର୍ମର ଓ ଗାଁ ମୁଣ୍ଡରେ ୨୫ କିଲୋୱାଟ ଟ୍ରାନ୍ସଫର୍ମର ସ୍ଥାପନ କରାଗଲା । ଏସବୁ କାର୍ଯ୍ୟ ପାଇଁ ୧କୋଟି ୬୭ଲକ୍ଷ ଟଙ୍କା ସରକାରୀ ଅନୁଦାନ ମିଳିଛି । ୨୦୨୦ ଏପ୍ରିଲ ୫ ତାରିଖ ସୁଦ୍ଧା ସମସ୍ତ କାମ ସରି ବିଦ୍ୟୁତ୍ ସଂଯୋଗ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତେବେ ଏହାମଧ୍ୟରେ ବର୍ଷେ ବିତିଥିଲେ ମଧ୍ୟ ଲାଇନ ଦିଆଯାଇନାହିଁ। ଗାଁର ହୃଷିକେଶ ଧରୁଆଙ୍କ ସମେତ ହିତାଧିକାରୀମାନେ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯଦି ଏହାର ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ଭାଙ୍ଗକୁଦ ଗ୍ରାମ ହରିଜନ ପଡାର ଯାଜ୍ଞସେନୀ ,ପୁଷ୍ପା, ମନଭାଙ୍ଗୀ ,ଉପାସୀ, ଗୀତା, ଗୌଡପଡାର ଦେବରାଜ ଅଦାବର ,ଚନ୍ଦ୍ରଶେଖର ରଣା ଓ ସଦାନନ୍ଦ ଟିକିରା ପ୍ରମୁଖ ଚେତାବନୀ ଦେଇଛନ୍ତି ।



ଗାଁରେ ବସିଥିବା ଟ୍ରାନ୍ସଫର୍ମର।